ସାପ୍ତାହିକ
ସ୍ୱୀକାର
The Sweekar स्वीकार
www.sweekarweekly.com
Postal Regd. No.: SBP/RN-01/2022-2024
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 32 | 11 - 17 August 2024 | Sambalpur | Pages- 8 | Invitation Price Rs.10

# ବେଆଇନ ଫ୍ଲାଇଆସ୍ ପକାଇବା ଅଭିଯୋଗରେ ବେଦାନ୍ତକୁ ୭୧ କୋଟି ଟଙ୍କା ଜରିମାନା

ଝାରସୁଗୁଡ଼ା: ବିଗତ କିଛି ବର୍ଷ ହେଲା ବେଦାନ୍ତ ଆଲୁମିନିୟମ୍ କାରଖାନା ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ମନଇଚ୍ଛା ପାଉଁଶ ପକାଉଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିବେଶ କ୍ଷତିପୂରଣ ବାବଦରେ କାରଖାନାକୁ ୭୧.୧୬ କୋଟି ଟଙ୍କାର ଜରିମାନା କରିଛନ୍ତି । କେବଳ ସେତିକି ନୁହେଁ, ବେଆଇନ୍ ପାଉଁଶ ଡମ୍ପିଂ ଯୋଗୁଁ କାହିଁକି ବେଦାନ୍ତର କନ୍‌ସେଣ୍ଟ ଟୁ ଅପରେଟ୍ ଅନୁମତି ପ୍ରତ୍ୟାହାର କରା ନ ଯିବ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ବୋର୍ଡ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି । ଏଥିସହିତ ବର୍ଜ୍ୟ ପରିଚାଳନା ପାଇଁ ଏକ ବିସ୍ତୃତ ଆକ୍ସନ ପ୍ଲାନ୍ ମଧ ୧୫ ଦିନ ମଧରେ ଦାଖଲ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଛି । ଯଦି ନିର୍ଦ୍ଧାରିତ ସମୟ ମଧରେ ଉତ୍ତର ନ ଆସେ କିମ୍ବା ଉତ୍ତର ସନ୍ତୋଷଜନକ ନ ହୁଏ ତେବେ ବିନା କୌଣସି ସୁଯୋଗରେ ବେଦାନ୍ତ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

ବେଦାନ୍ତର ପାଉଁଶ ଡମ୍ପିଂ ବିରୋଧରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ରାଉରକେଲା, ଝାରସୁଗୁଡ଼ା ଓ ସମ୍ବଲପୁରରୁ ଏକାଧିକ ଅଭିଯୋଗ ରାଜ୍ୟ ବୋର୍ଡ ନିକଟକୁ ଯାଇଥିଲା । ଏହାଛଡ଼ା




ସମ୍ପୃକ୍ତ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ମଧ ଅଭିଯୋଗ ଆସିଛି । କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ୨୦୨୧ ମସିହାରେ ଜାରି ହୋଇଥିବା ଫ୍ଲାଏ ଆସ୍ ସମ୍ପର୍କିତ ବିଜ୍ଞପ୍ତିରେ ଏଭଳି ଘଟଣାରେ ପ୍ରତି ଟନ୍ ପାଉଁଶ ପିଛା ୧ ହଜାର ଟଙ୍କା ଲେଖା ପରିବେଶ କ୍ଷତିପୂରଣ ପାଇଁ ଜରିମାନା ଲାଗୁ କରିବାର ନିୟମ ରହିଛି । ତେବେ ବେଦାନ୍ତ ଏହି ୩ ଜିଲ୍ଲାରେ ୭ ଲକ୍ଷ ୧୧ ହଜାର ୬୫୩ ଟନ୍ ପାଉଁଶ ଡମ୍ପିଂ କରିଥିବାର ଆକଳନ କରାଯାଇଛି । ଯେଉଁଥିରେ ଝାରସୁଗୁଡ଼ା ଜିଲ୍ଲାର ଟାଉନ୍ ୟୁନିଟ୍-୫, ଏଚ୍. କଟାପାଲି, ଖେରୁଆଳ, ପଣ୍ଡରିପଥର ଭଳି ୮ଟି ଅଞ୍ଚଳରେ ୨ ଲକ୍ଷ ୩୯ ହଜାର ୮୧୪.୩୨ ଟନ୍, ସମ୍ବଲପୁର ଆଞ୍ଚଳିକ ପରିବେଶ କାର୍ଯ୍ୟାଳୟ ଅନ୍ତର୍ଗତ ବରଗଡ଼ ଜିଲ୍ଲା ଭେଡେନ୍, ଦେବାହାଲ, ସମ୍ବଲପୁର ଜିଲ୍ଲା ବାବୁବନ୍ଧ, ହାତିବାରୀ, ପରଧିଆପାଲି, ଯୋଗୀପାଲି, କୁସୁମଡିହି, ମାନେଶ୍ୱର, ଗୋବିନ୍ଦପୁର ଓ ଖୁଲିଆରେ ୧ ଲକ୍ଷ ୩୧ ହଜାର ୧୪୭ ଟନ୍, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ଢେଲୁଆ, ବରଗାଁର ୧୦ଟି ସାଇଟ୍ ଓ ବାଲିଶଙ୍କରାର ଘୋଘରରେ ୩ ଲକ୍ଷ ୪୦ ହଜାର ୬୯୨ ଟନ୍ ପାଉଁଶ ପକାଯାଇଛି । ଏହି ଆକଳନ ଅନୁସାରେ ବେଦାନ୍ତକୁ ୭୧ କୋଟି ୧୬ ଲକ୍ଷ ୫୩ ହଜାର ୩୨୦ ଟଙ୍କାର ପରିବେଶ କ୍ଷତିପୂରଣ ଜରିମାନା ଦେବାକୁ ହେବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି ।

# ହିଣ୍ଡାଲକୋ ନାଁରେ ସିବିଆଇର ଏତଲା

ନୂଆଦିଲ୍ଲୀ : ଦୁର୍ନୀତି ଓ ଲାଞ୍ଚ ଅଭିଯୋଗରେ ସିବିଆଇ ପକ୍ଷରୁ ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବିରୋଧରେ ଏତଲା ରୁଜୁ କରାଯାଇଛି । ସିବିଆଇ ଅଭିଯୋଗ କରିଛି ଯେ ଓଡ଼ିଶାର ଝାରସୁଗୁଡ଼ାରେ ଥିବା ତଲାବିରା-୧ କୋଇଲା ଖଣିର ପରିବେଶ ମଞ୍ଜୁରୀକୁ କମ୍ପାନି ଉଲଂଘନ କରିଛି । କମ୍ପାନି ଅନୁମୋଦିତ କ୍ଷମତାଠାରୁ ଅଧିକ ୩.୦୪୫ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିଥିବା ଅଭିଯୋଗ ରହିଛି ।

ଏହି ଖଣିଟି ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳରେ ରହିଛି । ସେହି ବିଷୟକୁ ସମ୍ପୂର୍ଣ୍ଣ ଅଣଦେଖା କରି ଖଣିର କ୍ଷମତାକୁ ଦ୍ୱିଗୁଣିତ କରିବା ଲାଗି ୨୦୧୧ରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ସେଥିପାଇଁ ଲାଞ୍ଚ କାରବାର ହୋଇଥିଲା । କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଟି ଚାନ୍ଦିନୀ ନିଜ ପଦର ଅପବ୍ୟବହାର କରି କମ୍ପାନିକୁ ଲାଭ



ପହଞ୍ଚାଇବା ପାଇଁ ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳ ପାଇଁ ରହିଥିବା ନିୟମକୁ ଅଣଦେଖା କରିଥିଲେ ଓ ଖଣି ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଥିଲେ ।

ଏଫ୍‌ଆଇଆର୍‌ରେ ସିବିଆଇ କହିଛି ଯେ, କେନ୍ଦ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଥିବା ବେଳେ ଏହି ଅପରାଧ ଆରମ୍ଭ ହୋଇଥିଲା । ଏହି ମାମଲାରେ ୨୦୧୬ରେ ସିବିଆଇ ପ୍ରାରମ୍ଭିକ ଅନୁସନ୍ଧାନ କରିଥିଲା । ୨୦୧୧-ରୁ ୨୦୧୩ ଭିତରେ ପରିବେଶ ମଞ୍ଜୁରୀ ପାଇବା ଲାଗି କମ୍ପାନି ବ୍ୟାପକ ଲାଞ୍ଚ କାରବାର କରିଥିବା ଅଭିଯୋଗ ହୋଇଥିଲା । ପ୍ରାରମ୍ଭିକ ଅନୁସନ୍ଧାନର ଆଠ ବର୍ଷ ପରେ ସିବିଆଇ ଦୁର୍ନୀତି ନିରୋଧୀ ନିୟମ ଆଧାରରେ ହିଣ୍ଡାଲ୍‌କୋ ନାମରେ ଏଫ୍‌ଆଇଆର୍ ରୁଜୁ କରିଛି । ସିବିଆଇର ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ପରିବେଶ ମଞ୍ଜୁରୀରେ ଅନୁମୋଦିତ ପରିମାଣ ଠାରୁ ଅଧିକ କୋଇଲାକୁ କମ୍ପାନୀ ଉତ୍ତୋଳନ କରିଛି ୨୦୦୧ ଓ ୨୦୦୯ର ପରିବେଶ ମଞ୍ଜୁରୀକୁ ମଧ ଏହା ଉଲଂଘନ କରିଛି । ତଲାବିରା-୧ ଖଣିରୁ ୦.୪ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବା ଲାଗି ହିଣ୍ଡାଲ୍‌କୋକୁ ପ୍ରଥମ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ଏହାପରେ ୨୦୦୯ ଜାନୁଆରିରେ ଖଣିର କ୍ଷମତାକୁ ୧.୫ ନିୟୁତ ଟନ୍‌କୁ ବଢ଼ାଇବା ଲାଗି ଆଉ ଏକ ପରିବେଶ ମଞ୍ଜୁରୀ ଦିଆଯାଇଥିଲା । ଏହାର କିଛି ମାସ ପରେ ଖଣିର ଉତ୍ପାଦନ କ୍ଷମତାକୁ ୩ ନିୟୁତ ଟନ୍‌କୁ ବଢ଼ାଇବା ଲାଗି କମ୍ପାନି ପୁଣି ଥରେ ପରିବେଶ ମଞ୍ଜୁରୀ ଲୋଡ଼ିଥିଲା । ୨୦୦୪-୦୫ରୁ ୨୦୦୭-୦୯ ମଧରେ କମ୍ପାନି ଅନୁମୋଦିତ କ୍ଷମତାଠାରୁ ଅଧିକ କୋଇଲା ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି । ସିବିଆଇ ପକ୍ଷରୁ କୁହାଯାଇଛି ଯେ, ତଲାବିରା-୧ କୋଇଲା ଖଣିଟି ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳରେ ଥିବା ନେଇ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ପଷ୍ଟ କରିଛନ୍ତି ।

# ଏମ୍‌ସିଏଲ୍‌ର କାର୍ଯ୍ୟଦକ୍ଷତା ପାଇଁ ବିଭାଗୀୟ ସଚିବଙ୍କ ପ୍ରଶଂସା

ବୁର୍ଲା: କୋଇଲା ଯୋଗାଣ ଓ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ କେନ୍ଦ୍ର କୋଇଲା ମନ୍ତ୍ରୀ ଏମ୍.ସି.ଏଲ୍‌କୁ ପ୍ରଶଂସା କରିବା ପରେ ସଚିବ ଅମୃତ ଲାଲ ମୀନା ମଧ ଏମସିଏଲ୍‌ର କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିଛନ୍ତି । ନିକଟରେ ଏମସିଏଲର ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ମୀନା ଏମସିଏଲର ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଙ୍କର ଉଦ୍ୟମ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଠିକ ସମୟରେ ସ୍ଥାୟୀ ବିକାଶ ଏବଂ ଭିତ୍ତିଭୂମି ପ୍ରକଳ୍ପର ସମାପ୍ତି ଲାଗି ଲକ୍ଷ୍ୟ ହାସଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ କୋଲ ଇଣ୍ଡିଆ ଲିମିଟେଡର ଅଧକ୍ଷ ପି.ଏମ ପ୍ରସାଦ ମଧ ଯୋଗ ଦେଇଥିଲେ ।

ଏମସିଏଲ ସିଏମଡି ଉଦୟ ଅନନ୍ତ କାଓଲେ ଏମସିଏଲର କାର୍ଯ୍ୟଦକ୍ଷତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଏବଂ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ରଣନୀତି ବାବଦରେ ସୂଚନା ଦେଇଥିଲେ । ଏହି ଅବସରରେ ଶ୍ରୀ ମୀନାଙ୍କ ଉପସ୍ଥିତିରେ ଏମସିଏଲ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ ସହିତ 'ସକ୍ଷମ' ପ୍ରୋଜେକ୍ଟ ଲାଗି ସଶକ୍ତିକରଣ ବିଭାଗ ସହିତ 'ସକ୍ଷମ' ପ୍ରୋଜେକ୍ଟ ଲାଗି ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଥିଲା । ଏମସିଏଲର ସିଏସଆର କାର୍ଯ୍ୟକ୍ରମରେ ଓଡ଼ିଶାର ଗରିବ ଭିନ୍ନକ୍ଷମମାନଙ୍କୁ ୫୦୦ ଇ-ରିକ୍ସା ଯୋଗାଇବା ଲାଗି ଏମସିଏଲ ୭.୫ କୋଟି ଟଙ୍କା ଦେବ । ଏହା ସେମାନଙ୍କ ଜୀବିକା ନିର୍ବାହ କରିବାକୁ ସକ୍ଷମ କରିବ ।






# ଓଡ଼ିଶାର ୬ ପ୍ରକଳ୍ପ ସମେତ ଦେଶରେ ୮ଟି ନୂଆ ରେଳ ମାର୍ଗ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ମୋଟ ୨୪,୬୫୭ କୋଟି ଟଙ୍କା (ପାଖାପାଖି) ବ୍ୟୟ ଅଟକଳ ସହିତ ରେଳ ମନ୍ତ୍ରଣାଳୟର ୮ଟି ନୂଆ ରେଳ ମାର୍ଗ ପ୍ରକଳ୍ପକୁ ଅନୁମୋଦନ କରିଛି । ଏସବୁ ପ୍ରକଳ୍ପ ମଧରେ ଓଡ଼ିଶାର ୬ଟି ରେଳ ପ୍ରକଳ୍ପ ସାମିଲ ରହିଛି । ଏସବୁ ପ୍ରକଳ୍ପ ହେଲା, ଗୁଣପୁର-ଥେରୁବାଲି (ନୂଆ ଲାଇନ), ଜୁନାଗଡ଼-ନବରଙ୍ଗପୁର, ବାଦାମପାହାଡ଼- କେନ୍ଦୁଝରଗଡ଼, ବାଙ୍ଗିରିପୋଷୀ- ଗୋରୁମହିଷାଣୀ, ମାଲକାନଗିରି - ପାଣ୍ଡୁରଙ୍ଗପୁରମ୍ (ଭାୟା ଭଦ୍ରାଚଲମ୍) ଏବଂ ବୁଢ଼ାମରା- ଚକୁଳିଆ ।

ପ୍ରସ୍ତାବିତ ନୂତନ ରେଳମାର୍ଗ ସିଧାସଳଖ ଯୋଗା ଯୋଗ ପ୍ରଦାନ କରିବ ଏବଂ ଗମନାଗମନରେ ସୁଧାର ଆଣି ଭାରତୀୟ ରେଳବାଇ ପାଇଁ ଦକ୍ଷତା ଓ ସେବା ବିଶ୍ୱସନୀୟତା ପ୍ରଦାନ କରିବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ପରିକଳ୍ପନା ଅନୁରୂପ ହୋଇଥିବାରୁ ଏହି ଅଞ୍ଚଳର ଲୋକଙ୍କୁ ବ୍ୟାପକ କ୍ଷେତ୍ରୀୟ ବିକାଶ ମାଧମରେ 'ଆତ୍ମନିର୍ଭରଶୀଳ' କରିବ ଯାହା ସେମାନଙ୍କ ନିଯୁକ୍ତି / ସ୍ୱରୋଜଗାର ସୁଯୋଗ ବୃଦ୍ଧି କରିବ । ଏହି ପ୍ରକଳ୍ପଗୁଡ଼ିକ ବହୁମୁଖୀ ଯୋଗାଯୋଗ ପାଇଁ ପିଏମ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଫଳାଫଳ ଅଟେ ଯାହା ସମନ୍ୱିତ ଯୋଜନା ମାଧମରେ ସମ୍ଭବ ହୋଇଛି । ଏସବୁ ପ୍ରକଳ୍ପ ସାଧାରଣ ଲୋକ, ଦ୍ରବ୍ୟ ଏବଂ ସେବାଗୁଡିକର ପରିବହନ ପାଇଁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରିବ । ଓଡ଼ିଶା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ତେଲଙ୍ଗାନା ଓ ପଶ୍ଚିମବଙ୍ଗର ୧୪ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ୮ଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କକୁ ୯୦୦ କିଲୋମିଟର ବୃଦ୍ଧି କରିବ ।

ଏହି ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୬୪ଟି ନୂଆ ଷ୍ଟେସନ ନିର୍ମାଣ କରାଯିବ, ଯାହା ୬ ଆକାଂକ୍ଷୀ ଜିଲ୍ଲା (ପୂର୍ବ ସିଂହଭୂମ, ଭଦାଦ୍ରି କୋଠଗୁଡେମ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା)ର ପାଖାପାଖି ୫୧୦ଟି ଗାଁ ଏବଂ ପ୍ରାୟ ୪୦ ଲକ୍ଷ ଜନସଂଖ୍ୟା ପାଇଁ ଗମନାଗମନରେ ସୁଧାର ଆଣିବ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ଅଜନ୍ତା ଗୁମ୍ଫାକୁ ଭାରତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରାଯିବ । କୃଷି ଜାତ ଦ୍ରବ୍ୟ, ସାର, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ବକ୍ସାଇଟ୍, ଚୂନପଥର, ଆଲୁମିନିୟମ ପାଉଡର, ଗ୍ରାନାଇଟ୍, ବାଲି, କଣ୍ଟେନର ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ମାର୍ଗ । କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ବାର୍ଷିକ ୧୪୩ ଏମଟିପିଏ (ବାର୍ଷିକ ନିୟୁତ ଟନ୍) ପରିମାଣର ଅତିରିକ୍ତ ମାଲ ପରିବହନ ହେବ । ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ଦକ୍ଷ ପରିବହନ ମାଧମ ହୋଇଥିବାରୁ ଉଭୟ ଜଳବାୟୁ ଲକ୍ଷ୍ୟ ହାସଲ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚକୁ ହ୍ରାସ ହୋଇପାରିବ । ଏହା ତୈଳ ଆମଦାନୀ (୩୨.୨୦ କୋଟି ଲିଟର) ହ୍ରାସ କରିବ ଏବଂ ଅଙ୍ଗାରକାମ୍ଳ ନିର୍ଗମନ (୦.୮୭ ନିୟୁତ ଟନ୍) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା କି ୩.୫ କୋଟି ବୃକ୍ଷରୋପଣ ସହିତ ସମାନ ।

## ଏ ସଂଖ୍ୟାରେ..


ଖାଲି ପେଟରେ ପିଅନ୍ତୁ ଜିରାପାଣି


ଦେହକୁ ହିତ କଦଳୀ


ଅତ୍ୟାଧିକ କଲରା ସେବନ ହାନିକାରକ


ହିତକାରୀ କ୍ୟାପସିକମ୍


ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍


ପାଲୁଅର ଉପକାରିତା

# ସମ୍ବଲପୁରରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ସମ୍ବଲପୁର: ଅଇଁଠାପାଲି ଠାରେ ସମ୍ବଲପୁର ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅଇଁଠାପାଲି ସ୍ଥିତ ବୀର ବିର୍ସାମୁଣ୍ଡାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର ସଭାପତି ଶ୍ରୀ କିଶୋର ଚନ୍ଦ୍ର ମୁଣ୍ଡା ଏବଂ ସାଧାରଣ ସମ୍ପାଦକ ଶ୍ରୀ ଅବିନାଶ ମୁଣ୍ଡା, ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପ୍ରଦୋଷ ମହାନ୍ତି, ସାଖୁଡ଼ା ଆଦିବାସୀ କ୍ଲବ ସଭାପତି ସହଦେବ ମୁଣ୍ଡା, ଅନିତା ଓରାମ, ରାକ୍ଷୀ ମୁଣ୍ଡା, ସୀତା ମୁଣ୍ଡା, ସୁନିଧି ମୁଣ୍ଡା, ସଞ୍ଜୟ ବାଗ, ଥୁରୁ ଧନିଓ୍ୱାଲ୍, ପ୍ରଭାତ ଭୂମିଜ୍, ସୁରେନ୍ଦ୍ର ଭୂମିଜ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍ ବ୍ୟତୀତ ବେଣୁଧର ଦାସ ଏବଂ ମନୋଜ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ ।



# ନୂତନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଯୋଗଦାନ

ଝାରସୁଗୁଡ଼ା: ଜିଲ୍ଲାରେ ନୂତନ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭାବେ ଜେନାମଣି ବିଭୁତି ଭୂଷଣ ରଏ ଯୋଗ ଦେଇଛନ୍ତି । ସେ ପୂର୍ବରୁ ଷ୍ଟେଟ ବାୟୋ କେମିଷ୍ଟ ଲାବୋରେଟୋରୀରେ କାର୍ଯ୍ୟରତ ଥିବା ବେଳେ ଝାରସୁଗୁଡା ଜିଲ୍ଲା ନୂତନ କୃଷି ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଜିଲ୍ଲା କୃଷି ଅଧିକାରୀଙ୍କ ର ବଦଳି ପରେ ଜିଲ୍ଲା କୃଷି ଅଧିକାରୀ ଭାବେ କୋଲାବିରା କୃଷି ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଦାୟିତ୍ୱ ତୁଲାଉଥିଲେ । ତେବେ ଜିଲ୍ଲା କୃଷି ଅଧିକାରୀ ଅଫିସରେ ଥିବା ସମସ୍ତ କର୍ମଚାରୀମାନେ ନୂତନ କୃଷି ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ଚାଷୀଙ୍କ ସମସ୍ୟା ସମାଧାନ ମୂଳ୍ୟ ଲକ୍ଷ୍ୟ ହେବ ବୋଲି ନୂତନ ଜିଲ୍ଲା କୃଷି ଅଧିକାରୀ ଜେନାମଣି ବିଭୁତି ଭୂଷଣ ରଏ କହିଛନ୍ତି ।

# ଅମ୍ବରୀଶ ମହାପାତ୍ରଙ୍କ ପରଲୋକ

ସମ୍ବଲପୁର : ଜଳ ସମ୍ପଦ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ଅମ୍ବରୀଶ ମହାପାତ୍ରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହେଉଥିଲା । ଗତକିଛି ଦିନ ହେବ ସେ ଅସୁସ୍ଥ ଥିଲେ । ଜଣେ ଧର୍ମପ୍ରାଣ ବ୍ୟକ୍ତିଥିବା ସ୍ୱର୍ଗତ ମହାପାତ୍ର ସୁବର୍ଣ୍ଣପୁର ଜିଲ୍ଲାର ଲେହେଡି ଗ୍ରାମର ମୂଳବାସିନ୍ଦା ହୋଇଥିବା ବେଳେ ଚାକିରୀରୁ ଅବସର ନେବା ପରେ ସେ ସମ୍ବଲପୁରର ଦେହେରୀପାଲିରେ ରହୁଥିଲେ । ତାଙ୍କ ବିୟୋଗରେ ବିଶ୍ୱାତ୍ମ ଚେତନା ପରିଷଦରର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଗଭୀର ଶୋକପ୍ରକାଶ କରି ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# କୁଟ୍ରୁରୁଚୁଆଁ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

ସମ୍ବଲପୁର: କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ କୁଟୁରୁଚୁଆଁ ଉଚ୍ଚତର ମାଧମିକ ବିଦ୍ୟାଳୟରେ ଅଧକ୍ଷ ନିଳାଞ୍ଚଳ ତିଓ୍ୱାରୀଙ୍କ ଅଧକ୍ଷତା ରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇ ଯାଇଅଛି । ଏଥିରେ ଅବସରପ୍ରାପ୍ତ ଅଧକ୍ଷ ତଥା ସାହିତିକ୍ୟ ସୁବାଷ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, କବି ପଣ୍ଡିତ ଅଲେଖ କୁମାର ପତି ମୁଖ୍ୟବକ୍ତା ଓ କୁଟୁରୁଚୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଏକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବରିଷ୍ଠ ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ସଭା ସଂଯୋଜନା କରିଥିବା ବେଳେ ଅଧାପକ ସୁଧୀର କୁମାର ନାଏକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପକ ସତ୍ୟନାରାରଣ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ, ଛାତ୍ରୀ ପୂଜାରାଣୀ ମାଝି ଓ ଛାତ୍ର କାହ୍ନୁ ବାଙ୍କଡା ମେହେର ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ । ପୂର୍ବରୁ ଆୟୋଜିତ ମେହେର ସାହିତ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥି ଗଣ ମାନପତ୍ର ପ୍ରଦାନ କରିଥିଲେ । ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ଡିଇଓ ସମିନ ରଞ୍ଜନ ନାଏକ,କିରାଣୀ ଭେଷଜ ଗରଡିଆ, ଜୟଦେବ ରାଉତ, ଅସିମ ପରୁଆ ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ‘ଘୋ ଘୋ ରାନୀ ର୍ ଗୀତିକାର୍ ପଦ୍ମଶ୍ରୀ ମିତ୍ରଭାନୁ

## ଡ.ସଙ୍ଗୀତା ନାଏକ ପୁରୋହିତ

ସର୍ଜନା କର୍ବାର ଲାଗି ମା’ ସରସ୍ୱତୀର୍ କୃପା ନିହାତି ଦରକାର୍ । କେହେନି ଭିଲ୍ କଲାକାର୍ ବାଗଦେବୀର୍ କରୁଣା ନାଇ ହେଲେ କଲମ ଚଲେଇ ନି ପାରେ । ଇଟା ସଭେ ଅବେଶ ଜାନିଥିବେ । ‘ରଙ୍ଗବତୀ’ର ଗୀତିକାର ପଦ୍ମଶ୍ରୀ ମିତ୍ର ଭାନୁ ଗୌନ୍ତିଆ ତାଙ୍କର ଇ ସର୍ଜନାର ଲାଗି ସାରା ଦୁନିଆଁନେ ବନେ ଜନାଚିହ୍ନା ନାଁ କମେଇଛନ୍ । ରଙ୍ଗବତୀ ଗୀତର୍ ଗାଇକି ଆର୍ ବଜାଗଜା ସବକୁ ନଚେଇ ଦେସି । ତାର୍ ସୁରତାଲ୍ ଥି ନାଚି ନାଇ ଜାନଲା ଲୁକର୍ ଭି ଅଁଟା ମକ୍କି ବୁଲବା ଆର୍ ଗୋଡ଼ ହାତ୍ ହଲିଯିବା ନାଚବାର୍ ଲାଗି । ଇ ଗୀତର୍ ରସିଆ ଗୀତିକାରର୍ ଗୁଟେ ଅବଗା ଅଲଗା କିସମର୍ ଭାବଧାରା କେ ନେଇକରି ଲେଖା ହେଇଛେ ‘ଘୋ ଘୋ ରାନୀ’ । ଇ ଗୀତିଗୁଚ୍ଛ ନେ ୨୩ଟା ଗୀତ୍ ଅଛେ । ସବୁ ଗୀତ୍ ଥି ବାଲୁତ କାଳର ନିଆରା ଅନୁଭୂତି କେ ଗୀତିକାର୍ ପରସି ଦେଇଛନ୍ ।

‘ଘୋ ଘୋ ରାନୀ’ର୍ ଉତ୍ସର୍ଗଟା ପଢ଼ଲେ ଗୁଟେ ଅବିହାରି ମାଁର ମାତୃ ହୃଦୟର ବିଶାଲତା କେ ଛିଁ ହେସି । ଜାନି ହେସି, ଚିନ୍‌ହି ହେସି, ଯେନ୍ ଅବିହାରୀ ମା’ର ହୃଦୟ ଅଛେ, ସେ ତ ନମସ୍ୟ ଆନ୍, ତାର୍ ସାଙ୍ଗେ ଯେ ମା’ ଜାତିର୍ ଇ ଭାବକେ ଚିହ୍ନି ପାରିଛନ୍, ଚିହ୍ନେଇ ଦେଇ ପାରିଛନ୍ ସେ ଗୀତିକାର୍ ହି, ତାଙ୍କର ମହାନ୍ ଦୃଷ୍ଟିଶକ୍ତିର ଲାଗି ନିହାତି ଭାବେ ବନ୍ଦନୀୟ ଆନ୍ ।

ଉତ୍ସର୍ଗ ଉତୁ ‘ମହକ୍’ ଥି ଭିଲ୍ ଗୀତିକାରଙ୍କର ନିଆରା ବ୍ୟକ୍ତିତ୍ୱ ବାରି ହେସି । ଗୀତ ସଙ୍ଗୀତ ମୁନୁଷ୍ ଜନମ୍ କେ ସରସ, ସୁନ୍ଦର, ସାଫୁଲ କରସି ତାର୍ ବିଷୟ ନେ ‘ମହକ୍’ ଥି ବନେ କରି ପରସି ଦେଇଛନ୍ । ଷଠିମାଁର ଗୀତନୁ ନେଇ କରି ଘୋ ଘୋ ରାନୀ ଖେଲ ଗୀତ ଛୁଆକୁ ଉଷଦ୍ ଆନଁଦ୍ କରିବାର ଲାଗି ତିଆରି ହେଇଛେ, ଇ ଭାବଟା କେ ଗୀତିକାର ଗୌନ୍ତିଆ ‘ମହକ୍’ ପୃଷ୍ଠାଥି ପରଷିଛନ୍ ।

ତାଁକର୍ ଉନଝା ଗୀତି କବିତାଗୁଚ୍ଛ “ଲୋକ ଦର୍ପନ୍” ଥି ଯେନ୍ ଖେଲଗୀତମାନଙ୍କର ସମାବେଶ ହେଇଛେ ତାର୍ ମଝେ ଅଛେ ‘ଘୋ ଘୋ ରାନୀ’ ଗୀତ । ଇ ଗୀତର୍ ନାଁକେ ନେଇ କରି ‘ଘୋ ଘୋ ରାନୀ ଗୀତି କବିତା ଗୁଚ୍ଛର ନାମକରନ୍ କରା ହେଇଛେ ।

ପାରମ୍ପାରିକ ନିୟମ ଅନସାରେ ଗୀତିକାର ସବୁନୁ ପହେଲା ‘ଉଲଗି’ ଗୀତି କବିତା କେ ଖଞ୍ଜି ଦେଇଛନ୍ । ଇଥି ସବୁନୁ ଆଘେ ମାହାପୁରୁ କେ ଉଲଗି ହେଇଛନ୍ । ଆର୍ ଜ୍ଞାନର ଭଣ୍ଡାରନୁ ତାଗେ ପାଏବାକେ ଅରଦଲି କରିଛନ୍ । ‘ପସରା ଖଜା’ ନାମର ଗୀତି କବିତା ନେ ଗୀତିକାର ଦୁର୍ଗା ପୂଜା ବେଲର୍ କଥା କହେଲା ବେଲକେ ପସରା ଖଜାଥି ଯେନ୍ ପିଠାପନା ଥି ତାର୍ ନାଁ ଦେଇ କରି ଇ ଫାଲର୍ ଚଲନ୍ କେ ଲୋକଲୋଚନ କେ ଆନବାର ଚେଷ୍ଟାଟେ କରିଛନ୍ । ମାଁ ର ପା’ ତଲେ ଉଲଗି ହେଇ ଦଶରାର ପସରା ଖଜା କହେଲା ଉତରୁ ଗୀତିକାର ‘ଛୁଆଗୀତ’ନେ ଦୁଇଝନକର୍ କଥାବାର୍ତ୍ତା ହେବାର୍ ଭିତରେ କଥାନି କହେବାର ଯେନ୍ ପାରମ୍ପାରିକ ଚଲନିଟେ ଅଛେ, ତାକେ ଜୁଡ଼ି ଦେଇଛନ୍

‘କାଏଁ କଥା ?
ବେଙ୍ଗ କଥା ।
କାଏଁ ବେଙ୍ଗ ?
ତୁଡ଼ା ବେଙ୍ଗ...

ପଚରା ଉଚରା ଭିତରେ ଝନେ ପଚରଉଛେ, ଆର୍ ଝନେ ବତଉଛେ । ତାର୍ ଭିତରେ ଅଛେ ଗୁଟେ ଆତ୍ମୀୟତା ଭାବ, ସଂସ୍କୃତି କେ ଭଲ ପାଏବାର ଝଲକଟେ, ସେ ଝଲକ ଭିତରେ ଫେର୍ ପ୍ରତିବାଦଟେ ଭି ଠାନ୍ ପାଇ କରି ଅନ୍ଧ ବିଶ୍ୱାସର ବିରୋଧ କରିଛନ୍ ଗୀତିକାର୍ । “କଥାନୀଟେ-୨” ଥି ଅଜା ନାତେନର ସରସ ସୁନ୍ଦର ଭାବ କେ ଅଏନ୍ କରି ହେତେଇ ଦେବାର ସାଥେ ସମାଜ କେ ଚେତେଇ ଭିଲ୍ ଦେଇଛନ୍ ଶିକ୍ଷାର ମୋଲ ବାବଦକେ । ‘କଥାନୀଟେ-୩’ ଥି ସୁନାର କଁଠି ଇନର ମାଟି ବଲି ଗୀତିକାର ତାଙ୍କର ମାଟିର୍ ମମତାର କଥା କହିଛନ୍ । ଇତାର୍ ଉତୁରୁ ଗୀତିକାରଙ୍କର ଭକ୍ତିରସ ଥି ଭିଜି ଥିବାର ଗୀତ ‘କଥାନୀଟେ-୪’ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଇର ମନଛିଁଆ ବନ୍ଦନାଟେ ଇଟା ଆଏ । ‘କଥାନୀଟେ-୫’ ଥି ଗୀତିକାରଙ୍କର ଜୀବନ ଦର୍ଶନ ବଢ଼ିଆ ସେ ଉଭରିଛେ । ତାଙ୍କର ଭାଷାଥି ମୁନୁଷ ହେଉଛେ -

“ପୁତୁଲିଟେ ଲେଖେ ଇନେ,
ବନାଇଛେ ଖେଲନା,
ତାରୁଛେ ନାରୁଛେ ଝନେ ନାଇଁ
ଯାର କଲନା ।”

ମାହାପୁରୁର ହାତେ ଖେଲନାଟେ ଆଏ ସିନା ମୁନୁଷ୍ । ସେ ଯେନ୍ତା ନଚାବା ଆମେ ହେନ୍ତା ନାଚମା କେଡ଼େଟେ କଥାଟେ ଇନ ଫୁଟେଇଛନ୍ ଗୀତିକାର, ଟିକିଏ ଭାବୁନ୍ ତ । ‘କଥାନୀ ଟେ-୬’ ଥି ଗୁଟେ ମାଁର ଭାବନାକେ ଗୀତିକାର କଥାନୀଟେ ବନେଇ ଦେଇଛନ ମାଁର କୁଲେ ଛୁଆଟେ ଆର୍ ସେ ନିଆରା ବେଲର୍ କଥା ପରଷା ହେଇଛେ ଇ ଗୀତନେ । ‘ବାରନକା ତେରକାନ୍’ ଛୁଆକେ ଡରାବାର ଲାଗି ଆମର ଯେନ କାଲପନିକ ଚରିତ୍ରମାନେ ଅଛନ ସେମାନଙ୍କର ବର୍ଣ୍ଣନା ଇ ଗୀତ ଥି ଅଛେ । ଛୁଆ ଶୁଇବାର ବେଳାଥି ନାଇଁ ଶୁଇଲେ ତାକେ ଡରେଇ କରି ଯେନ୍ ଅଜବ୍ ଡରାବନା ଲୁକର୍ କଥା ତାକେ କହେସନ୍ ସେମାନେ ହେଉଛନ୍ ବାରନକା ତେରକାନ, କଁଚା ପେତେନ୍, ଚିରଗେନ୍ ବୁଢ଼ୀ, ଟେଁଡ଼େହି । ବନେ ବିତବିତା ହେଲେ ଛୁଆକେ ଡରେଇ କରି ଯେନ୍ତା କୁହାଯାଏସି, ତାକେ ଇ ଗୀତନେ ଗୀତିକାର କହିଛନ୍ - ଇ ବାରନକା ତେରକାନ

“ଖେଖୋ ମୁନେ ଭରିନେବା,
ଟକୋ କରି ଗିଲି ଦେବା,
ନାଇଁ ଶୁଇବ ଯିଏ ।”

ସବୁ ଛୁଆର ସବୁନୁ ପ୍ରିୟ ଠାନ୍ ଆଏ ତାର୍ ମାମୁଁଘର । “ହାତୀ ଘୁଡ଼ା ଟମ୍ ଟମା”ର୍ ଗୀତିକାର ଭାବେ ଗୌନ୍ତିଆ ଆଜ୍ଞା ଛୁଆକର୍ ଇ ମନୋଭାବ କେ ଉଖରେଇ ଦେଇଛନ୍ । ମାମୁଁ-ମାଇଁ ଆଦରଥି କେତେକେତେ ଦରବ ଦେବେ କେତେ ବଢ଼ିଆ ଦରବ୍ ତାକରନ ଅଛେ । ସେ ସବୁକେ କହେଲା ଉତରୁ ଗୀତର୍ ଛୁଆଟା ବଲୁଛେ-

“ବରଗି ଦେଲି ଯା ଝାଏଁ ନ,
ଆନବୁ ଯେତେ ଅଏନ୍ କରି ।”

ଛୁଆକେ ଭୁରତେଇ କରି ଶୁଆବାର୍ ଲାଗି “ଗଗୋତିତି” ଗୀତର ସର୍ଜନା କରିଛନ୍ ଗୀତିକାର୍ । ଇତାର୍ ଉତୁ ମାପିଛନ୍ ଛୁଆର୍ ମୋଲ୍ କେ ଗୀତିକାର୍ । ମା’-ବାପାର୍ ଅସଲ ଧନ୍ ସଂପତି ତାକର୍ ଛୁଆ ଆଏ । ଏନ୍ତା ଗୁଟେ ଭାବକେ ପର୍ଷି ଦେଇଛନ୍ ଗୀତିକାର୍ ତାକର୍ “ଗଂଗାଗତି ଗୀତ”ଥି । ତାକର୍ ହି ଭାଷାନେ -

“ଶୀତ, ଝାଇଁ-ଝରି,ଟେଁକେର,ଖରା,
ଦୁଇ ମୋର ଖୁଜାନୁରା,
ମଲା ବେଲ ର୍ ହାଡ଼ପକା, ମୋର୍
ଗଂଗାତିରେଇ ।

ଇ ଗୀତ ଥି ସୁଲହ ଅନା ଖାଣ୍ଟି ସତ କଥାଟେ କହିଛନ୍ ଗୀତିକାର । ସଂସାର ଯାକର୍ ସାରକଥାଟା ଇଟା ଆଏ ଯେ, ଯେତେ ଧନ ସଂପତ୍ତି ଥିଲେ ଭିଲ୍ ଯଦି ଲାଏକର ଛୁଆଟେ ନାଇନ ବେଲେ ଜୀବନ୍ ବେକାର୍ ଆଏ । ଇ ଧନର୍ ଆଗେ ବାକି କେହେନିଟାର୍ ମୋଲ୍ ନାଇନ, ସବୁ ଛୁଛାଟା । ଗଂଗାଗତି ଯଦି କିଏ କରାସି ବେଲେ ସେଟା ଲାଏକର୍ ଛୁଆ ହି ଆଏ । ଆଉ କେହେନିଟା ନାଇଁସେ ‘ଇନର୍ ହୀରା ନୀଲା’ ଗୀତ ନେ ଭିଲ୍ ହେନ୍ତା ହି ଭାବଟେ ପରସା ହେଇଛେ । ଇ ଗୀତର୍ ମୂଳନୁ ଗୀତିକାର୍ ଲେଖଲେ-

“ଭାରତ୍ ମାଆର୍ କୁଲେ ମୋର୍
ଟୁନା-ମୁନା-କୁନା,
ତୁମେ ଇନର୍ ହୀରା-ନୀଲା,
ତୁମେ କରେନର୍ ସୁନା ।

ଆର୍ ଶେଷେ ଲେଖିଛନ୍-

‘ତମକୁ କିଏ ପାରବା ଖୁନି,
ମାଆର୍ ତୁମେ ହୀରା-ନୀଲା,
ମାଆର୍ କାନର୍ ସୁନା ।”

ସତକେ ସତ କେହେନି ଭିଲ୍ ଯାଗାର୍ ଅସଲ୍ ପୁଞ୍ଜି ସେନର୍ ମୁନୁଷ୍ ମାନେ ଆନ୍ । ଆଉ ମୁନୁଷ୍ କର୍ବାକେ ଛୁଆକୁ ଯତନାବା କେ ହେସି । ବଡ଼ ହେଲେ ପୁଡ଼ଲା ଇଟା ଯେତେ ଯାହା କଲେ ଭିଲ୍ ଆର୍ ବନେଇ ନାଇ ହୁଏ ।

ମା’ନୁ ଅଏତକା ମାମୁଁ ବୋଲି କହେସନ୍ । ଗୀତିକାର୍ ଭିଲ୍ ହେଟାକେ ମାନି ନେଇକରି କହୁଛନ୍-

“ମାମୁଁ ଘରେ ସରଗ୍ ତୁଲେ
କେତେ ସୁଖେ ରହିଛୁଁ,
ମାମୁଁ ଦେଲେ ବନା ଚିତିରି,
ମାଇଁ ଦେଲେ ପାଦେ ଜୁଡ଼ା
ପଏଁରୀ । ।୧।।

ଚକାଚକା ଭଉଁରୀ ଆଉ ଛିଲୋଲାଇ ଖେଲର୍ ଗୀତ ଭାବେ ଇତା କେ ବେଭାର କରି ହେବା ବାଗିର୍ ଇ ଗୀତ୍ ଟା ଲେଖା ହେଇଛେ । ଗାଏର୍ ଗୁରସ୍ ପିଆ ଗୁଦୁଲ୍-ଗାଦୁଲୁ ଛୁଆର୍ ବର୍ଣ୍ଣନାଟେ କରାହେଇଛେ ‘ଟିନିକଟିନୀ’ ଗୀତ୍ ଥି । ସୁରେ ସୁରେ ଗାଇ କରି ବଁକ୍ କେ ଯେନ୍ ମାଗସନ୍ ତାର୍ କଥା ଲେଖିଛନ୍ ‘ଦେରେ ବଁକ୍ ଦାନ୍’ ଗୀତ ଥି ‘ଝିମିରି ଝାଇଁଟା’ ଛୁଆକୁ ଶୁଆବାର ଗୀତଟେ ଆଏ । ହେନ୍ତା ହିଁ ‘ଆ ଜହ୍ନମାମୁଁ’, ‘ଝୁମୁରା’, ‘କକୋମିନା’, ‘ନିଦ ମାଇଁ’ ସବୁଯାକ ଏକା ରକମର୍ ଗୀତ୍ ଆଏ । ଛୁଆକେ ଝୁମ୍ପା ଲାଗଲେ ଇ ଗୀତ୍ ଗାଇକରି ଶୁଏଇ ହେବା । ଇ ଗୀତିଗୁଚ୍ଛର୍ ଶେଷର୍ ଦୁଇଟା ଗୀତ ହେଲା ‘ଗେଲେଇ’ ଆଉ ‘ସହି ଯିବାର୍ ଗୁନ୍’ ମା’ ଜାଏତ୍ ସୁଧରି ଗଲେ ସଂସାର ସୁଧରି ଯିବା । ଗେଲେଇ ହେଲେ ଭିଲ୍ ସହି ଯିବାର୍ ଗୁନ୍ ନାଇ ଥିଲେ ମା’ ଜାଏତ୍ର ମାଏନତା ଉନା ହେଇ ଯିବା ଦୁନିଆ ଟୁକେଲ୍ ମାନକୁ ଗେଲ ଆଦର ଦେଉ, ଆଉ ମା’ମାନେ ଭିଲ୍ ତାକର୍ ସହି ନେବାର୍ ଗୁନକେ ନେଇ ମାଟିମା’ର୍ ବାଗି ମହାନ୍ ହେଉନ୍ । ଏନ୍ତା ଗୁଟେ ଚିନ୍ତାଧାରାଟେ ଗୀତିକାରଙ୍କର୍ ଇ ଗୀତଥି ବାରିହେସି । ଏକୁ ଆରେକ ସବୁ ଗୀତ୍ ଇଥି ଖଞ୍ଜି ଦେଇଛନ୍ ଗୀତିକାର୍ । ତାଙ୍କର୍ ଇ ଭାବ ମୁନୁଷ୍ ଜାଏତ୍ କେ ଦିଗ୍ ଦର୍ଶନ୍ ଦେଉ । ଏତକି ନ ମା’ ସମଲେଇର୍ ପା’ତଲେ ଅର୍ଦଲି ।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ମୁଖ୍ୟ କାର୍ଯ୍ୟାଳୟ, ସମ୍ବଲପୁର**
**ବିଭାଗୀୟ ମୁଖ୍ୟ (ଓଡ଼ିଆ),**
**କୁଲିତାପଡ଼ା,ମୋଦିପଡ଼ା**

# ସୃଜନାତ୍ମକ ବିନାଶ

**ପୁ**ରାତନ ଚାଇନାର ୟିନ୍ ଏବଂ ୟାଙ୍ଗ୍ ବିଚାର ପୃଥିବୀରେ ଆମ ଚାରିପାଖରେ ଥିବା ପରସ୍ପର ସମ୍ପର୍କିତ ବିପରୀତ ଢାଞ୍ଚା ଦେଖିବାର ମାନବୀୟ ପ୍ରବୃତ୍ତିକୁ ପ୍ରମାଣିତ କରେ । ଏହା ଏକ ଆକଳନ ଯାହା ସାମାଜିକ ଏବଂ ଅର୍ଥନୈତିକ ଘଟଣାରେ ପ୍ରାକୃତିକ ପ୍ରକ୍ରିୟାର ବିଭିନ୍ନ ସିଦ୍ଧାନ୍ତ ପାଇଁ ଉପଯୋଗୀ । ତେବେ କାର୍ଲ ମାର୍କଙ୍କ ସିଦ୍ଧାନ୍ତ ଉତ୍ପାଦନକାରୀ ସମ୍ପର୍କର ଗୋଟିଏ ସ୍ଥିତିର ଧ୍ୱସକୁ ଆଉ ଏକ ସର୍ଜନା ସହ ଯୋଡ଼ିଥାଏ । ୧୯୧୩ରେ ଜର୍ମାନ୍ ଅର୍ଥନୀତିଜ୍ଞ ୱେର୍ନର ସୋମବାର୍ଟ ବି କହିଥିଲେ ଯେ, ବିନାଶରୁ ସୃଷ୍ଟିର ଏକ ନୂତନ ଆତ୍ମା ଉତ୍ପନ୍ନ ହୁଏ । ଅଷ୍ଟ୍ରେଲୀୟ ଅର୍ଥନୀତିଜ୍ଞ ଜୋସେଫ୍ ସ୍କୁମ୍ପେଟର ଯିଏ ଯୁକ୍ତିର ପରିସରକୁ ବ୍ୟାପକ କରିବା ସହ ପ୍ରଚାର କରିଥିଲେ ଯେ ନୂତନ ଉଦ୍ଭାବନଗୁଡ଼ିକ ସର୍ବଦା ପୂର୍ବରୁ ପ୍ରାଧାନ୍ୟ ବିସ୍ତାର କରିଥିବା ପ୍ରଯୁକ୍ତିବିଦ୍ୟାକୁ ବଦଳାଇଥାଏ ଏବଂ ପୁରାତନ ବୃହତ୍ ଔଦ୍ୟୋଗିକ ସଂସ୍ଥାର ପତନ ଘଟାଇଥାଏ । ଅନେକ ସାମାଜିକ ବିଜ୍ଞାନୀ ନୂତନତ୍ୱ ଏବଂ ଏହାର ବ୍ୟାପକ କାର୍ଯ୍ୟକାରିତାକୁ ବୁଝାଇବାକୁ ଯାଇ ସ୍କୁମ୍ପେଟରଙ୍କ 'ସୃଜନାତ୍ମକ ବିନାଶ' ବିଚାରକୁ ଆଧାର ଭାବେ ବ୍ୟବହାର କରିଥାନ୍ତି । ଅର୍ଥନୀତିରେ ସ୍କୁଟରଙ୍କ ଧାରଣା ଅର୍ଥନୈତିକ ଅଭିବୃଦ୍ଧି, ଉତ୍ପାଦ ପ୍ରକ୍ରିୟା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟର ସିଦ୍ଧାନ୍ତର ମୂଳଦୁଆ ସୃଷ୍ଟିକଲା । କିନ୍ତୁ ଦୁଇଟି ପରସ୍ପର ସମ୍ପର୍କିତ ଘଟଣା ଗତ କିଛି ଦଶନ୍ଧି ମଧ୍ୟରେ ସୃଜନାତ୍ମକ ବିନାଶର ସଂକଳ୍ପକୁ ସାମ୍ନାକୁ ଆଣିଛି । ପ୍ରଥମଟି ହେଲା ହାର୍ଭାର୍ଡ ବିଗ୍‌ନେସ୍ ସ୍କୁଲ ପ୍ରଫେସର କ୍ଲାଏଟନ କ୍ରିଷ୍ଟେନ୍‌ସେନ ୧୯୯୭ ପୁସ୍ତକ 'ଇନୋଭେଟର୍ସ ଡିଲେମା' ବା ଉଦ୍ଭାବକଙ୍କ ଦ୍ୱନ୍ଦ୍ୱ 'ବ୍ୟାଘାତକାରୀ ନୂତନତ୍ୱ'ର ଧାରଣାକୁ ଆଗକୁ ବଢ଼ାଇଥିଲା । ମୁଖ୍ୟତଃ ବ୍ୟବସାୟିକ ମଡେଲଗୁଡ଼ିକ ଅନୁସରଣ କରୁଥିବା ନୂତନ ସଂସ୍ଥାଗୁଡ଼ିକରୁ ବ୍ୟାଘାତକାରୀ ଉଦ୍ଭାବନଗୁଡ଼ିକ ଆସିଥାଏ, ଯାହାକୁ ପଦାଧିକାରୀମାନେ ଅନାକର୍ଷଣ ମନେକରନ୍ତି । ଦ୍ୱିତୀୟଟି ହେଲା ସିଲିକନ୍ ଭ୍ୟାଲିର ଉତ୍‌ଥାନ, ଯେଉଁଠି ଟେକ୍ ଉଦ୍ୟୋଗୀମାନେ ଆରମ୍ଭରୁ 'ବ୍ୟାଘାତ' କୁ ଏକ ରଣନୀତି କରିଦେଲେ । ଇଣ୍ଟରନେଟ୍ ସନ୍ଧାନର ବ୍ୟବସାୟରେ ବ୍ୟାଘାତ କରିବାକୁ ଗୁଗଲକୁ ସ୍ଥିର କରାଗଲା । ପୁସ୍ତକ ବିକ୍ରୟ ବ୍ୟବସାୟରେ ବ୍ୟାଘାତ ସୃଷ୍ଟି କରିବାକୁ ଆମାଜନ ଆରମ୍ଭ କରାଗଲା । ଏହା ପରେ ଅଧିକାଂଶ ଖୁଚୁରା ବ୍ୟବସାୟ କ୍ଷେତ୍ରରେ ବି ଏହା ଘଟିଲା । ତା'ପରେ ଫେସବୁକ୍ 'ଶୀଘ୍ର ଗତି କର ଏବଂ ସବୁଥିରେ ବ୍ୟାଘାତ ସୃଷ୍ଟି କର' ମନ୍ତ୍ର ନେଇ ଆସିଲା । ସାମାଜିକ ଗଣମାଧ୍ୟମ ଆମର ସାମାଜିକ ସମ୍ପର୍କକୁ ପରିବର୍ତ୍ତନ କଲା ଏବଂ ଉଭୟ ସୃଜନାତ୍ମକ ବିନାଶ ଏବଂ ବ୍ୟାଘାତର ଶ୍ରେଷ୍ଠ ଉଦାହରଣ ପାଲଟିଲା ।

ଏହି ତତ୍ତ୍ୱଗୁଡ଼ିକର ଲକ୍ଷ୍ୟ ହେଉଛି ବିନାଶ ଏବଂ ବ୍ୟାଘାତଜନିତ କ୍ଷତିରୁ ଲାଭ ଉଠାଇବା । କିନ୍ତୁ ବିନାଶ ପ୍ରକ୍ରିୟା ଯନ୍ତ୍ରଣାଦାୟକ ଏବଂ ଖୁବ୍ ବିପଜ୍ଜନକ ବୋଲି ସ୍କୁମ୍ପେଟର ସ୍ୱୀକାର କରୁଥିବାବେଳେ ଆଜିର ବ୍ୟାଘାତକାରୀ ଉଦ୍ଭାବକମାନେ କେବଳ ଲାଭକୁ ଦେଖନ୍ତି । ତେଣୁ ଟେକ୍ନୋଲୋଜିଷ୍ଟ ମାର୍କ ଆଣ୍ଡ୍ରେସନ୍ ଲେଖୁଛନ୍ତି : ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉତ୍ପାଦକତା ଅଭିବୃଦ୍ଧି ଘଟେ । ଏହା ଆର୍ଥିକ ଅଭିବୃଦ୍ଧି, ମଜୁରି ବୃଦ୍ଧି ଏବଂ ନୂତନ ଶିଳ୍ପ ଏବଂ ନୂତନ ନିଯୁକ୍ତି ସୃଷ୍ଟିରେ ମୁଖ୍ୟ ସଞ୍ଚାଳକ ସାଜିଥାଏ । କାରଣ ଲୋକମାନେ ଏବଂ ପୁଞ୍ଜି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଜିନିଷ ଭାବେ କାର୍ଯ୍ୟ କରିବାରୁ ଏହା ସମ୍ଭବ ହୋଇଥାଏ । ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ପାଇଁ ଯେଉଁ ଆଶା ସଞ୍ଚାର ହୋଇଛି ତାହା ଫେସ୍‌ବୁକ୍‌ର ପ୍ରାରମ୍ଭିକ ସମୟକୁ ଟପିଯାଇଛି । କେବଳ ସେତିକି ନୁହେଁ, ଉଦ୍ଭାବନ ବେଳେବେଳେ ପ୍ରକୃତି ଦ୍ୱାରା ବ୍ୟାଘାତକାରୀ ହୋଇଥାଏ । ସୃଷ୍ଟି ପ୍ରକ୍ରିୟାକୁ ସ୍କୁମ୍ପେଟର ଯେପରି ଭାବିଥିଲେ ତାହା ସେତିକି ବିନାଶକାରୀ ହୋଇପାରେ । ଇତିହାସ ଦର୍ଶାଏ, ସୃଜନାତ୍ମକ ବିନାଶକୁ ଦୃଢ଼ ବିରୋଧ କଲେ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଗତିକରେ । ଏହା ପରିବର୍ତ୍ତେ ଆମେ ଏହାକୁ ଏକ ମୂଲ୍ୟ ଭାବରେ ଦେଖିବା ଉଚିତ ଯାହା ବେଳେବେଳେ ହ୍ରାସ ହୋଇପାରେ । କେବଳ ଯେଉଁମାନଙ୍କର କ୍ଷତି ହୋଇଛି ତାହାକୁ ପୂରଣ କରିବା ପାଇଁ ପଦକ୍ଷେପ ନେବା ସହ ଅନେକ ସମୟରେ ବୈଷୟିକ ପରିବର୍ତ୍ତନ ପ୍ରକ୍ରିୟା ପରିଚାଳନାକରି ସୃଜନାତ୍ମକ ବିନାଶକୁ ରୋକାଯାଇପାରିବ । ଜଗତୀକରଣକୁ ବିଚାର କରାଯାଉ । ଏହା ଆର୍ଥିକ ଲାଭ ସୃଷ୍ଟି କରୁଥିବାବେଳେ କମ୍ପାନୀ, ଚାକିରି ଏବଂ ଜୀବିକାକୁ ମଧ ନଷ୍ଟ କରିଥାଏ । ଯଦି ଆମେ ସେହି କ୍ଷତି ଉପରେ ଗୁରୁତ୍ୱ ଦେବା ତେବେ ସେଗୁଡ଼ିକୁ ହ୍ରାସ କରିବା ପ୍ରୟାସରେ ସଫଳ ହୋଇ ପାରିବାନାହିଁ । ତଥାପି, ପ୍ରଭାବିତ ହୋଇଥିବା କମ୍ପାନୀଗୁଡ଼ିକୁ ସାହାଯ୍ୟ କରିବା (ନୂଆ ଜାଗାରେ ଶାଖା ପାଇଁ ନିବେଶ କରି),ଚାକିରି ହରାଇଥିବା ଶ୍ରମିକମାନଙ୍କୁ ସାହାଯ୍ୟ କରିବା (ପୁନଃ ତାଲିମ ଏବଂ ସୁରକ୍ଷା ମାଧ୍ୟମରେ) ଏବଂ କ୍ଷତିଗ୍ରସ୍ତ ସମ୍ପ୍ରଦାୟକୁ ସମର୍ଥନ କରିବା ପାଇଁ ଅନେକ କିଛି କରିପାରିବା । କିନ୍ତୁ ଏହିସବୁ ସୂକ୍ଷ୍ମ ଅନ୍ତରକୁ ଚିହ୍ନିବାରେ ବିଫଳତା ଅତ୍ୟଧିକ ସୃଜନଶୀଳ ବିନାଶ ଏବଂ ବ୍ୟାଘାତର ଦ୍ୱାର ଖୋଲିଦେବ,ଯାହା ଗତ କିଛି ଦଶନ୍ଧି ମଧ୍ୟରେ ସିଲିକନ୍ ଭ୍ୟାଲି କରିବା ଲାଗି ଆମକୁ ପ୍ରେରିତ କରିଥିଲା । ଏଣୁ ଏଆଇ ପରିପ୍ରେକ୍ଷୀରେ ତିନୋଟି ନୀତି ଆଗକୁ ଆମର ଆଭିମୁଖ୍ୟକୁ ମାର୍ଗଦର୍ଶନ କରିବା ଆବଶ୍ୟକ ।

ପ୍ରଥମତଃ, ଜଗତୀକରଣ ଭଳି, ଯେଉଁମାନେ ପ୍ରତିକୂଳ ଭାବେ ପ୍ରଭାବିତ ହୋଇଛନ୍ତି ସେମାନଙ୍କୁ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବା ଦରକାର । ଦ୍ୱିତୀୟତଃ, ଆମେ ଭାବିବା ଉଚିତ ନୁହେଁ ଯେ ବ୍ୟାଘାତ ଅପରିହାର୍ଯ୍ୟ । ଏଆଇ ବହୁ ଚାକିରି ନଷ୍ଟ କରିବ ନାହିଁ । ଯଦି ଏହାକୁ ଡିଜାଇନ ଏବଂ ନିୟୋଜନ କରୁଥିବା ବ୍ୟକ୍ତିମାନେ କେବଳ ସ୍ୱୟଂଚାଳିତତାକୁ ଦୃଷ୍ଟିରେ ରଖି ତାହା କରନ୍ତି (ଯାହା ସିଲିକନ୍ ଭ୍ୟାଲି ମୁଖ୍ୟମାନେ ଚାହାନ୍ତି),ତେବେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଟେକ୍ନୋଲୋଜି ଅଧିକ ଦୁଃଖ ସୃଷ୍ଟି କରିବ । କିନ୍ତୁ ଏହା ଅଧିକ ଆକର୍ଷଣୀୟ ବିକଳ୍ପ ପଥ ଗ୍ରହଣ କରାଯାଇ ପାରେ । ସର୍ବଶେଷରେ, ଶ୍ରମିକମାନଙ୍କୁ ଅଧିକ ଉତ୍ପାଦନକ୍ଷମ କରିବା ପାଇଁ ଏଆଇର ଅପାର ସମ୍ଭାବନା ଅଛି, ଯେପରିକି ସେମାନଙ୍କୁ ଉତ୍ତମ ସୂଚନା ପ୍ରଦାନ କରିବା ଏବଂ ଅଧିକ ଜଟିଳ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରାଇବା । ସୃଜନଶୀଳ ବିନାଶ ଉପରେ ବଢ଼େଇ କହି ଆମେ ଏହି ଅଧିକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ପ୍ରତି ଆଖି ବୁଜିଦେବା କିମ୍ବା ବର୍ତ୍ତମାନ ଯେଉଁ ପଥରେ ଅଛେ ସେଥିରୁ ବିଚ୍ୟୁତ ହେବା ଉଚିତ ନୁହେଁ । ବଜାର ସାମାଜିକ ଲାଭଦାୟକ ଦିଗରେ ଅଭିନବ ଶକ୍ତିକୁ ସଞ୍ଚାଳନ ନ କଲେ ବି ସରକାରୀ ନୀତି ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଏହାକୁ ପୁନଃ ନିର୍ଦ୍ଦେଶ କରିବା ପାଇଁ ବହୁ କିଛି କରିପାରିବ । ଯେପରି ଅନେକ ଦେଶ ଅକ୍ଷୟ ଶକ୍ତିରେ ଅଧିକ ନୂତନତ୍ୱକୁ ଉତ୍ସାହିତ କରିବା ପାଇଁ ସବ୍‌ସିଡି ପ୍ରବର୍ତ୍ତନ କରିସାରିଛନ୍ତି, ସେହିଭଳି ଏଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ ଟେକ୍ନୋଲୋଜିର କ୍ଷତି ହ୍ରାସ କରିବା ପାଇଁ ଅଧିକ କାର୍ଯ୍ୟ କରାଯାଇପାରିବ । ତୃତୀୟରେ, ଆମେ ମନେରଖିବା ଉଚିତ ଯେ, ଏବକାର ସାମାଜିକ ଓ ଆର୍ଥିକ ସମ୍ପର୍କ ଅତ୍ୟନ୍ତ ଜଟିଳ । ସେଗୁଡ଼ିରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ସବୁ ପ୍ରକାର ଅପ୍ରତ୍ୟାଶିତ ପରିଣାମ ଆସିପାରେ । ଫେସ୍‌ବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡିକ ଆମର ସାଧାରଣ ବକ୍ତବ୍ୟକୁ ଉଗ୍ରବାଦ, ଭୁଲ୍ ତଥ୍ୟ ଏବଂ ଦୁର୍ବଳତା ସହ ଯୋଡ଼ି ବିଷାକ୍ତ କରିବା ଲକ୍ଷ୍ୟରେ ଆରମ୍ଭ କରାଯାଇ ନ ଥିଲା । କିନ୍ତୁ ଏବେ ସେଗୁଡ଼ିକ ସୃଷ୍ଟି କରୁଥିବା ବ୍ୟାଘାତ ଭିତରେ ଆମେ କିପରି ଯୋଗାଯୋଗ କରିବା ।

ପରବର୍ତ୍ତୀ ନୂତନତ୍ୱର ପୀଡ଼ାଦାୟକ ତଥା ଅଣାୟତ୍ତ ଧାରା ଆମର ସାମାଜିକ, ଗଣତାନ୍ତ୍ରିକ ଏବଂ ନାଗରିକ ଅନୁଷ୍ଠାନ ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି । ସେଥିପ୍ରତି ଅଧିକ ଦୃଷ୍ଟି ରଖିବା ଜରୁରୀ । ସୃଜନଶୀଳ ବିନାଶରୁ ଅଧିକ ଲାଭ ପାଇବା ପାଇଁ ନୂତନତ୍ୱ ସପକ୍ଷବାଦୀ ସାର୍ବଜନୀନ ନୀତି ଏବଂ ଗଣତାନ୍ତ୍ରିକ ପଦକ୍ଷେପ ମଧ୍ୟରେ ଠିକ୍ ସନ୍ତୁଳନ ଆବଶ୍ୟକ । ଯଦି ଆମେ ଏହାକୁ ଆମ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ବୈଷୟିକ ଉଦ୍ୟୋଗୀମାନଙ୍କ ଉପରେ ଏହାକୁ ଛାଡ଼ିଦେଉ, ତେବେ ଆମେ ଆଶାଠାରୁ ଅଧିକ ବିନାଶର ବିପଦକୁ ସମ୍ମୁଖୀନ ହେବା ।

# ମୋର ଗାଁ ର ସେ ହଜିଗଲା କଥା 'କାହିଁ ଗଲା'

*ରାଜେନ୍ଦ୍ର ପଣ୍ଡା*

**କା**ହିଁ ଗଲା ମୋର ଗାଁ ର ମଜା
କାହିଁ ଗଲା ସେ ଦାନ୍ତରୀ ଖଜା
କାହିଁ ଗଲା ସେ ଧାନ ଖଳା ଆଉ ବେନ୍ଦଲାର ଧାନ ମଡା
କାହିଁ ଗଲା ସେ ନଙ୍ଗଲ କଠି କାହିଁ ଗଲା କୁଶେର ପେଡା
କାହିଁ ଗଲା ସେ ବଳଦ ଗାଡି କାହିଁ ସେ ହଲିଆର ଗୀତ
କାହିଁ ଗଲା ସେ ଅନ୍ତରା,ଉମ୍ପେଇ କାହିଁ ଗଲା ସେ ଶୀତ
କାଂହିଗଲା ସେ ଛେର୍ଛେରା ମଗା ଖଳା ଛାଡେନ ର ଧାନ
କାହିଁଗଲା ସେ ପୁରା ଲୁଦର କାହିଁ ଗଲା ତାଂବି ମାନ
କାଂହୁ ପାଏବ ଗାଏ ବଳଦ ଖଳା ଆଉ ଖରୀ
କାଂହୁ ପାଏବ ଚରୁହା ନରିହା ସବୁ ଗଲା ସରି
ଛୁଆବେଳର ସେ ନଏଦ ଫଂହରା କୁମୁନା ଝରା ଝୁରୀ
କରିଆ ଗଁଠଲି ଥିନ କେନ୍ତା ମଜା ଘନା ଶାଳ ର ମୁରହି
କାହିଁ ଗଲାସେ ଗିଲଲି ଦଣ୍ଡା,ଟୁକେଲକର ଛିକ୍ଲୋ ଲାଇ
କାହିଁ ଗଲା ସେ ସଜନୀ ଗୀତ ଖୁଜଲେ ମିଲେ ନାଇ
କାହିଁ ଗଲା ସେ ଭାଗବତ କୁଠି,କାହିଁଗଲା ସେ ଭାବ
ପଞ୍ଚ ଭଲଲୋକ କାହିଁ ଗଲେ ଯେ ନାଇଁ ମିଲବାର ଠାବ
କାହିଁଗଲା ସେ କଅଁରିଆ ପଟ କାହିଁଗଲା ସେ ସୁଏଲ
କାହିଁଗଲା ସେ ଦଉରା ଖଟ କାଂହିଗଲା କାଠ ଚୁଏଲ
କାଂହିଗଲା ସେ ଧାନ ସିଝା ହାଣ୍ଡି କାହିଁଗଲା ଢେଙ୍କିଶାଳ
କାଂହିଗଲା ଘରର ଖୁସିବାସି କାହିଁଗଲା ସେ ଚାଲ
କାହିଁ ଗଲେ ସେ ଗାଁ ର ମୁଖିଆ ଗାଲି ଗୁଲମାଲ ବଢଲା
ଟିକେ କଥାଥିନ୍ନ ଥାନା ପୁଲିସ କେଶ ମାମଲା ପଶଲା
କାହିଁଗଲା ସେ ଧୁଳି ର ଖେଳ ଗାଁର ମଝା ଖୁଲି
କାହିଁ ଗଲାସେ ଟୁକେଲ ମାନକର ହୁମନନ ବୁଲି
କାହିଁଗଲା ସେ ଗୁର ମାଠିଆ କାହିଁଗଲା ପାନିଆ ଗୁର
କାହିଁଗଲା ସେ ପିଠାଲୁ କନ୍ଦାର ମଜା ସଂଗେ ଗୁର
କାହିଁଗଲା ସେ କାଞ୍ଚି କୁଂଡ଼ି ନଚାଡେଗା ମଝା ଖୁଲି
କାହିଁ ଗଲାସେ ଟୁକେଲ ମାନକର ହୁମନନ ବୁଲି
କାହିଁଗଲା ସେ ସସାନ ଘାଟ,କାହିଁଗଲା ଦଶାଘାଟ
କାହିଁ ଗଲା ସେ ମୁରଦାର ପୁଡା ଗାଡି ଗାଡି କାଠ
କାହିଁଗଲା ସେ ଡାଳ ମଉଆ ଲିଆ ତିଖରୀ ର ମଜା
କାହିଁଗଲା ସେ ତାଲ ଖୁଂଖଡ଼ି ଭିତରର ସୁଆଦ ଗଜା
କାହିଁଗଲା ସେ ଜାନି ଜାତରା ଗହଗହ ଗାଁ ଖୁଲି ।
କାହିଁଗଲା ସେ ରାମଲୀଳା ଆଉ ଡାଲଖାଇ ରସରକେଳି
କାହିଁଗଲା ସେ ଗାଁ ର ବରୁଆ କାହିଁ ଗଲା ତାର ରଡି
କାହିଁ ଗଲେ ସେ ଚେଲାଚାମଚାଅଣ୍ଟାଦେଉଥିଲେ ଭିଡି
କାହିଁଗଲେ ସେ ଗୁଂ ଗୁଂ ନାଦିଆ, ମଙ୍ଗଳା ଘଣ୍ଟିଆ ର ରଡି
ରଡି ଶୁନି ମା ମଙ୍ଗଳା ଫିଂକୁଥିଲା ଚୁଡ଼ି ।
କାହିଁଗଲା ସେ ବାଇସ୍କୋପ ଆଉ ଡବା ସିନେମା ବାଲା
ସୀତାଚୋରି ରେକର୍ଡ ବଜେଇ ଛୁଆ ଜମଉ ଥିଲା
କାଂହିଗଲା ସେ ଆଖଡା ଶାଳ ଦଶରା ରଦଶମୀ ଦିନେ
କୁଟେ ଚାଉଳ ଆଉ ଗୁଟେ ବୁକା ଖାଇବାର ମାଲ ମାନେ
କାହିଁଗଲା ସେ ଢେଙ୍କି ଶାଳ କାହିଁଗଲା ତେଲିର ଘନା
କାହିଁଗଲା ସେ ମସଲା ମିଶା ଘନାଶାଳର ପନା
ଝୁରି ମରବାର ସାର ଖାଲି, ସେ ମୋର ଗାଁର କାଦୋ ଖୁଲି
ଛନ୍ଦ କପଟ କିଛି ନାଇଁ ସଭେ ଖୁଲା ଖୁଲି
ଗାଁ ମୁଣ୍ଡେ ମୋର କଳାପାଟ, ଗାଁ ଭିତରେ ଯମସି ହାଟ
ଜୁହାର ଗୋ ମା କରମସାନୀ ସବକୁ ଢାପିଆ ପନତ କାନୀ ।

**ମହାବୀରପଡ଼ା, ଧନୁପାଲି, ସମ୍ବଲପୁର**

## ଆଜିର ଚିନ୍ତନ

ଆମ ଶରୀର ସୁସ୍ଥ ନଥିବା ବେଳେ ଆମେ କହୁ ମୋର ଶରୀର ଅସୁସ୍ଥ ଅଛି । ଅର୍ଥାତ ଏ ଶରୀର ମୁଁ ନୁହେଁ । ମୋର ଏହି ଶରୀର । ଏ ଶରୀର ମୋର ବା ମୋର ଆତ୍ମାର ସାଧନ । ଇହ ଜନ୍ମରେ ସମସ୍ତ କର୍ମ ସମ୍ପାଦନ କରିବା ନିମନ୍ତେ ଏ ଶରୀର ମୋତେ ମିଳିଛି । ଏ ଶରୀର ମୋର ଘର ଅଟେ । ଶରୀରର ସମସ୍ତ ଅଙ୍ଗ ଅବୟବ ମୁଁ ନୁହେଁ । ଏମାନେ ମୋର ଭୃତ୍ୟ । ମୁଁ ଶରୀରର ସ୍ୱାମୀ । ମୁଁ ପବିତ୍ର ଆତ୍ମା । ମୁଁ ଅନାଦି, ଅନନ୍ତ ଏବଂ ଅବିନାଶୀ । କିନ୍ତୁ ମୋର ଶରୀର ବିନାଶଶୀଳ । ବେଦର ତ୍ରୈତବାଦ ସିଦ୍ଧାନ୍ତ ମଧ୍ୟରୁ ମୁଁ ଅନ୍ୟତମ । ମୋର ଏ ମରଣଶୀଳ ଶରୀରର ମୃତ୍ୟୁ ପରେ ମୁଁ ଅନ୍ୟ ଏକ ନୂତନ ମାତୃ ଗର୍ଭକୁ ଚାଲିଯାଏ । ସେଠାରେ ମୋର ପୁନର୍ଜନ୍ମ ହୁଏ । ମୋର ଯାତ୍ରା ପଥ ଅନନ୍ତ । ଏ ଶରୀରରୁ ଆତ୍ମା ଚାଲିଗଲା ପରେ ଶରୀର ଶବ ହୋଇଯାଏ । ଆଖି ଥିଲେ ମଧ ଦେଖି ହୁଏନି । କାନ ଥିଲେ ମଧ ଶୁଣାଯାଏନି । ହାତ ଗୋଡ ସବୁ ଜଡ ପାଲଟି ଯାଏ । ଏଥିରୁ ପ୍ରମାଣିତ ହୁଏ ଯେ, ଯାହାଲାଗି ଆଖି ଦେଖିପାରେ ଓ କାନ ଶୁଣିପାରେ ସେ ଅତ୍ମା । ସେହିପରି ଯାହା ଲାଗି ହାତ ଗୋଡ ଚଳ ପ୍ରଚଳ ହୁଏ ସେ ଆତ୍ମା ମୁଁ ଚେତନ ଆତ୍ମା । ଜଡ ଶରୀରକୁ କ୍ରିୟାଶୀଳ କରାଏ । ମୋ ମଧରେ ଓ ମୋର ଶରୀର ମଧରେ ପରମାତ୍ମା ବ୍ୟାପକ । ମୁଁ କର୍ମ କରିବାରେ ସ୍ୱତନ୍ତ୍ର କିନ୍ତୁ କର୍ମ ଫଳ ଭୋଗିବାରେ ସମ୍ପୂର୍ଣ୍ଣ ରୂପେ ଈଶ୍ୱରାଧୀନ । କାରଣ ମୋର କର୍ମ ଫଳ ଦାତା କେବଳ ଈଶ୍ୱର ଅଟନ୍ତି । ଈଶ୍ୱର ମୋତେ ଏ ସଂସାରରେ କର୍ମ କରିବା ପାଇଁ ଓ ଫଳ ଭୋଗିବା ନିମନ୍ତେ ପ୍ରେରିତ କରିଛନ୍ତି । ତେଣୁ ଏ ଜନ୍ମରେ ସମସ୍ତଙ୍କୁ- ପ୍ରବୃତ୍ତି ତ୍ୟାଗ କରି ସତ୍ କର୍ମ କରିବା ମୋର ସଂକଳ୍ପ ହେବ । ସତ୍ କର୍ମକୁ ପାଥେୟ କରି ମୁକ୍ତିର ମୁଖଶାଳାରେ ପହଞ୍ଚି ପାରିବ । ଶରୀରର ଏହି ଅନ୍ତଃସତ୍ତାକୁ ଜାଣିବା ହିଁ ବାସ୍ତବ ଜ୍ଞାନ । ଅନ୍ତର୍ଜଗତର ଏହି ରହସ୍ୟକୁ ଜାଣିବା ଆଧ୍ୟାତ୍ମିକତା ଅଟେ । ଏହି ଆଧ୍ୟାତ୍ମିକତା ହିଁ ଧର୍ମର ଆତ୍ମା । ଆଧ୍ୟାତ୍ମିକତାକୁ ବାଦ ଦେଲେ ଧର୍ମ ଜଡ଼ ହୋଇଯାଏ । ମୁଁ କିଏ ଅର୍ଥାତ ନିଜକୁ ଜାଣିବା ଯଥାର୍ଥ ଜ୍ଞାନ ଅଟେ । ନିଜକୁ ସଠିକ୍ ରୂପେ ଜାଣିଗଲେ ପରମାତ୍ମାଙ୍କୁ ଜାଣିବା ସହଜ ଓ ସୁଗମ ହୋଇଯାଏ ।

ବର୍ଷ ୨୮, ସଂଖ୍ୟା - ୩୨, ୧୧ - ୧୭ ଅଗଷ୍ଟ ୨୦୨୪

# ଗରିବର କୌଣସି ଜାତି ନାହିଁ

ସରକାରୀ ଚାକିରି ଓ ଶିକ୍ଷାରେ ଅନଗ୍ରସର ବର୍ଗଙ୍କୁ ସଂରକ୍ଷଣ ଜରିଆରେ ଅଗ୍ରାଧିକାର ଦେବା ଲକ୍ଷ୍ୟରେ ପ୍ରସ୍ତୁତ ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ଆଉଏକ ଉପବର୍ଗ ସୃଷ୍ଟି ବା ସଂରକ୍ଷଣ ଭିତରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଭାରତର ଉଚ୍ଚତମ ନ୍ୟାୟାଳୟ ସବୁଜ ସଂକେତ ଦେବା ପରେ ଏହାର କାର୍ଯ୍ୟକାରିତା, ପ୍ରଭାବ ଓ ଯୌକ୍ତିକତା ନେଇ ବିଚାରବିମର୍ଶ ଆରମ୍ଭ ହୋଇଛି । ଗୋଟିଏ ମହଲ ନ୍ୟାୟାଳୟଙ୍କର ରାୟକୁ ଯୁଗାନ୍ତକାରୀ ଭାବେ ଅଭିହିତ କରି ସ୍ୱାଗତ କରିଥିବା ବେଳେ ଆଉ ଏକ ମହଲ ଏହା ଭିତରେ ଥିବା ଜଟିଳତା ଦିଗକୁ ଅଙ୍ଗୁଳି ଉଠାଇଛନ୍ତି । ଦେଶରେ ଦୀର୍ଘ ଜାତିଗତ ସଂରକ୍ଷଣ ବ୍ୟବସ୍ଥା ବୃହତ୍ତର ସମ୍ବିଧାନ ପୀଠଙ୍କ ରାୟ ଯେ ଯୁଗାନ୍ତକାରୀ ଦୃଷ୍ଟିକୋଣରୁ ବିଚାର କଲେ ସର୍ବୋତ୍ତମ ନ୍ୟାୟାଳୟଙ୍କ ଏହା ଅନସ୍ୱୀକାର୍ଯ୍ୟ । କିନ୍ତୁ ଏହାର ବାସ୍ତବତା ବା କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି, ଯେତେବେଳେ ଏହି ବ୍ୟବସ୍ଥାକୁ ଭୋଟ୍ ରାଜନୈତିକ ଦୃଷ୍ଟିକୋଣରୁ ବିଚାର କରାଯାଉଛି ।

ସ୍ୱାଧୀନୋତ୍ତର ଭାରତରେ ସାମାଜିକ ଅର୍ଥନୈତିକ ବୈଷମ୍ୟ ଦୂର କରି ଏକ ସମାବେଶୀ ସମାଜ ଗଠନ ଲକ୍ଷ୍ୟରେ ଭାରତୀୟ ସମ୍ବିଧାନ ପ୍ରଣେତାମାନେ ଯେଉଁ ୧୦ ବର୍ଷିୟା ସଂରକ୍ଷଣ ବ୍ୟବସ୍ଥା କରିଥିଲେ ତାହା କ୍ରମଶଃ ପ୍ରଲମ୍ବିତ ହୋଇ ଭୋଟ ବ୍ୟାଙ୍କର ରୂପ ନେଇଛି । ସକାରାତ୍ମକ ପାତରଅନ୍ତ(ପଜିଟିଭ୍ ଡିସ୍‌କ୍ରିମିନେସନ୍) ଜରିଆରେ ବୈଷମ୍ୟ ଦୂର କରିବାର ମହାତାକାଂକ୍ଷା କାଳକ୍ରମେ ବିଷମ ଓ ବିଶେଷଭରା ବାତାବରଣ ସୃଷ୍ଟି କରିଚାଲିଛି । ଏହାପଛର ମୂଳ କାରଣ ହେଉଛି ସମାଜର ତଥାକଥିତ ଉଚ୍ଚଜାତିର ସଂଖ୍ୟାଧିକ ଲୋକ ଆର୍ଥିକ ଦୃଷ୍ଟିକୋଣରୁ ବହୁ ପଛୁଆ ଥିଲେ ମଧ ସେମାନେ ସରକାରୀ ସୁବିଧା ସୁଯୋଗରୁ ଏବେ ବି ବଞ୍ଚିତ ; ଅପରପକ୍ଷରେ ସଂରକ୍ଷଣ ସହାୟତାରେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅଗ୍ରଣୀ ହୋଇସାରିଥିବା ସଂରକ୍ଷିତ ବର୍ଗ ପିଢ଼ି ପରେ ପିଢ଼ି ସୁବିଧା ସୁଯୋଗ ଉପଭୋଗ କରିଆସୁଛନ୍ତି । ଆହୁରି ମଧ ଦେଖାଯାଉଛି ଯେ ସଂରକ୍ଷଣ ବର୍ଗ ବା ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ଥିବା ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ବର୍ଗ ସଂରକ୍ଷଣର ସମସ୍ତ ସୁବିଧା ସୁଯୋଗ ହାତେଇ ନେଇ ଯଥେଷ୍ଟ ସ୍ୱଚ୍ଛଳ ହୋଇଥିବା ବେଳେ ସେହି ତାଲିକାଭୁକ୍ତ ଅନ୍ୟ ଜାତିର ଲୋକେ ଏ ପର୍ଯ୍ୟନ୍ତ ବଞ୍ଚିତ ଓ ପଛୁଆ ହୋଇ ରହିଛନ୍ତି । ଏହି ପୃଷ୍ଠଭୂମିରେ ଆଇନ ବିଶାରଦ, ରାଜନୀତିଜ୍ଞମାନେ ଚିନ୍ତା କଲେ ଯେ ପ୍ରଚଳିତ ଧାରାରେ ସମ୍ବିଧାନ ପ୍ରଣେତାମାନଙ୍କ ଦ୍ୱାରା ବ୍ୟବସ୍ଥିତ 'ସଂରକ୍ଷଣ'ର ମୌଳିକ ଲକ୍ଷ୍ୟ ବାଟବଣା ହେବାରେ ଲାଗିଛି । ତେଣୁ ସେମାନେ ସଂରକ୍ଷଣ ତାଲିକାରୁ ତଥାକଥିତ ସ୍ୱଚ୍ଛଳ ବର୍ଗ(କ୍ରିମିଲେୟାର) କୁ ବାଦ୍ ଦେବା ପାଇଁ ଯୁକ୍ତି ଉପସ୍ଥାପନ କଲେ । ଏହା ଯେ ଅଧିକ ତର୍କସଙ୍ଗତ ତାହା ପ୍ରମାଣିତ ହେଲା ୧୯୯୨ରେ ଇନ୍ଦ୍ର ସାହାଣୀ ମାମଲା, ୨୦୧୮ରେ ଜର୍ଣ୍ଣେଲ୍ ସିଂହ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆସିବା ପରେ । ଶେଷରେ ଏସ୍‌ସି ଓ ଏସ୍‌ଟିଙ୍କ ପାଇଁ ରାୟ ଏବଂ ୨୦୨୩ରେ ରୋହିଣୀ ଆୟୋଗ ରିପୋର୍ଟ ଉଦ୍ଦିଷ୍ଟ ସଂରକ୍ଷଣ ଭିତରେ ସଂରକ୍ଷଣ ବ୍ୟବସ୍ଥାକୁ ଗତ ୧ ତାରିଖରେ ସୁପ୍ରିମକୋର୍ଟର ସାତଜଣିଆ ସମ୍ବିଧାନ ଖଣ୍ଡପୀଠ ସବୁଜ ସଙ୍କେତ ଦେଇଛନ୍ତି । ମୁଖ୍ୟତଃ କ୍ରିମି ଲେୟାର ବା ସଂରକ୍ଷଣ ତାଲିକାରେ ସ୍ୱଚ୍ଛଳ ବର୍ଗ ପ୍ରସଙ୍ଗ ଓବିସିଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ ଏସ୍‌ସି, ଏସ୍‌ଟି ତାଲିକାରେ ଲାଗୁ ହେବାର ବାଟ ଏବେ ଖୋଲିଛି ।


ରାଜନୀତି ଓ ସମାଜରେ ପ୍ରଭାବଶାଳୀ ସ୍ଥିତିରେ ଥାଇ ସଂରକ୍ଷଣ ସୁବିଧା ହାତେଇ ନେଇ ସମାଜର ଦୃଷ୍ଟିକଟୁର ଶରବ୍ୟ ହେଉଥିବା ଗୋଷ୍ଠୀ ଏଣିକି ତାଲିକାରୁ ବାଦ୍ ପଡ଼ିବେ ବୋଲି ଧାରଣା ସୃଷ୍ଟି ହୋଇଛି ଏବଂ ଏହାଦ୍ୱାରା ସଂରକ୍ଷଣ ବ୍ୟବସ୍ଥା କ୍ରମଶଃ ଅପ୍‌ସରି ଯିବ ବୋଲି ଚର୍ଚ୍ଚା ହେଉଛି । କିନ୍ତୁ ଏହା ଏତେ ସହଜ ଓ ସରଳ ନୁହେଁ । ଭାରତରେ ଏଭଳି କିଛି ପ୍ରସଙ୍ଗ ଅଛି, ଯାହାର ରାଜନୈତିକ ଓ ପ୍ରଦର୍ଶନାତ୍ମକ ପ୍ରଭାବର ତୀକ୍ଷ୍ଣ ଅନୁଭବ ବାରି ହୁଏ । ସ୍ଥାନ ସଂରକ୍ଷଣ, ଜାତିଗତ ଗଣନା ସେ ଦୃଷ୍ଟିରୁ ଅତି ସମ୍ବେଦନଶୀଳ । ଏ କ୍ଷେତ୍ରରେ ତାମିଲନାଡୁ, ପଞ୍ଜାବ, ବିହାର, ମହାରାଷ୍ଟ୍ର ଆଦିକୁ ଉଦାହରଣ ରୂପେ ନିଆଯାଇପାରେ ।

ସମ୍ପ୍ରତି ଉଚ୍ଚତମ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ସବୁରାଜ୍ୟରେ ଜାତିଗତ ଜନଗଣନା ସପକ୍ଷରେ ଦାବି ଉଠିବ । କିନ୍ତୁ ଏହି ପ୍ରକ୍ରିୟା ଆରମ୍ଭ ହେଲେ ନିର୍ବାଚନ ଆଭିମୁଖ୍ୟ ନେଇ ଏକାଧିକ ପ୍ରଦେଶ ଏହାକୁ ଗ୍ରହଣ କରିବାକୁ ବାଧ ହେବେ । ରାଜ୍ୟ ସରକାରମାନେ ଏଭଳି ଗଣନାକୁ ଏକ ପ୍ରମାଣ ବା ତଥ୍ୟମୂଳକ ପଦକ୍ଷେପ ଭାବେ ଗ୍ରହଣ କରୁଥିବା ବେଳେ ଭୋଟ ରାଜନୀତିରେ ଏହା ଏକ ପ୍ରଭାବଶାଳୀ ପ୍ରସଙ୍ଗ ହେବା ନିଶ୍ଚିତ । ଏହା ଥରେ ଆରମ୍ଭ ହୋଇଗଲେ ଯେଉଁସବୁ ରାଜ୍ୟରେ ଭୋଟ ରାଜନୀତିକୁ ଜାତି ପ୍ରସଙ୍ଗ ପ୍ରଭାବିତ କରିପାରି ନାହିଁ ସେ ସବୁ ରାଜ୍ୟରେ କ୍ରମଶଃ ଜାତିଆଣବାଦ ସଂକ୍ରମିତ ହେବାର ଆଶଙ୍କା ରହିଛି । .

ଆଇନ ବିଶାରଦଙ୍କ ମତରେ ଏହାକୁ ରାଜ୍ୟଓ୍ୱାରୀ ନିର୍ଦ୍ଧାରଣ ନ କରି ସର୍ବଭାରତୀୟ ସ୍ତରରେ କାର୍ଯ୍ୟକାରୀ କରାଯିବା ଉଚିତ । ଏହାଫଳରେ ସମଗ୍ର ଦେଶ ନିମନ୍ତେ ନିୟାମକ ନିର୍ଦ୍ଧାରଣ କରାଯାଇପାରିବ । କିନ୍ତୁ ୨୦୨୧ ଅନଗ୍ରସରବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିର ଜନଗଣନା ଏ ପର୍ଯ୍ୟନ୍ତ ହୋଇପାରି ନ ଥିବା ବେଳେ ଜାତିଗତ ଜନଗଣନା ତଥ୍ୟ କେବେ ଓ କିପରି ହେବ ତାହା ଚିନ୍ତା କଲେ ଉଚ୍ଚତମ ନ୍ୟାୟାଳୟଙ୍କ ରାୟର ବାସ୍ତବ ରୂପାୟନ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ତଥାକଥିତ ଉଚ୍ଚଜାତିରେ ଗରିବ ଓ ତଥାକଥିତ ପଛୁଆ ଜାତିରେ ଧନୀ ଲୋକ ଅଛନ୍ତି । ସେମାନଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବା କାଠିକର ପାଠ । ଏବେ ସାମାଜିକ ଓ ଅର୍ଥନୈତିକ ଶକ୍ତି ଠାରୁ ରାଜନୈତିକ ଶକ୍ତି ନିର୍ଣ୍ଣାୟକ ହୋଇଛି । ତେଣୁ ଏସ୍‌ସି ଏସଟି୍ ତାଲିକାରୁ ସ୍ୱଚ୍ଛଳ ବର୍ଗଙ୍କୁ ବାଦ୍ ଦେଇ ଅପେକ୍ଷାକୃତ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବର୍ଗଙ୍କୁ ଆଗକୁ ଆଣିବାରେ ସରକାରମାନେ କେତେ ସାହସ ଜୁଟାଇ ପାରିବେ ତାହା ସଂଶୟ ସୃଷ୍ଟି କରୁଛି । ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଅନୁମତି ବିନା ଜାତିଗତ ଜନଗଣନା କରିପାରିବେ କି ନାହିଁ ତାହା ଆଉ ଦ୍ୱନ୍ଦ ସୃଷ୍ଟି କରୁଛି । କାରଣ ଉଚ୍ଚତମ ନ୍ୟାୟାଳୟ ତାଙ୍କ ରାୟରେ ଏ କଥା ମଧ ସ୍ପଷ୍ଟ କରିଛନ୍ତି ଯେ ସଂରକ୍ଷଣ ତାଲିକାରେ ଉପବର୍ଗ ସୃଷ୍ଟି ପାଇଁ ପ୍ରମାଣସିଦ୍ଧ ତଥ୍ୟ ଆବଶ୍ୟକ । ଜାତିଗତ ଜନଗଣନା ବିନା ଏହା ସମ୍ଭବ ନୁହେଁ । ଅଥଚ ନିକଟରେ ବିହାରରେ ଦଳିତ, ପଛୁଆ ଓ ଅନଗ୍ରସର ମଧରେ ମହାଦଳିତ, ଅତିପଛୁଆ ଓ ଅତିଶୟ ଅନଗ୍ରସରବର୍ଗଙ୍କୁ ବାଛିବାକୁ ଜାତିଗତ ଜନଗଣନା କରାଯାଇ ରିପୋର୍ଟ ପ୍ରକାଶ ପାଇଥିଲେ ମଧ ତାହାକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି । ହୁଏତ ଏହି ତଥ୍ୟ ଆଧାରରେ ନିର୍ବାଚନ ପୂର୍ବରୁ କୋଟା ଭିତରେ କୋଟା ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ବିହାର ସରକାର ଉଦ୍ୟମ କରିଥିଲେ । କିନ୍ତୁ ତାହା ସାଧାରଣ ନିର୍ବାଚନ ପୂର୍ବରୁ ଫଳବତୀ ହୋଇପାରିଲା ନାହିଁ । ସେହିପରି ଏ ଦିଗରେ ପ୍ରଥମେ ୧୯୭୫ ମସିହାରେ ପଞ୍ଜାବ ଓ ୨୦୦୦ ମସିହାରେ ଆନ୍ଧ୍ର ପ୍ରଦେଶ ସରକାର ସାହସିକ ପଦକ୍ଷେପ ନେଇ ଉଦାହରଣ ସୃଷ୍ଟି କରିଥିଲେ । କିନ୍ତୁ ତାହା ମଧ ଆଇନ ଅଦାଲତର ଜାଲରେ ଛନ୍ଦି ହୋଇଗଲା ।

ଉଚ୍ଚତମ ନ୍ୟାୟାଳଙ୍କ ରାୟରେ ଆହୁରି ମଧ କୁହାଯାଇଛି ଯେ ଗୋଟିଏ ପିଢ଼ି ହିଁ ସଂରକ୍ଷଣ ସୁବିଧା ପାଇବାକୁ ଯୋଗ୍ୟ ହେବେ । ଏ କ୍ଷେତ୍ରରେ ଗୋଟିଏ ବର୍ଗର ଗୋଟିଏ ସମାନ ଜାତିର ଦୁଇଟି ପରିବାର ଉଦାହରଣ ନିଆଯାଇପାରେ । ଧରାଯାଉ ଅନଗ୍ରସର ମଧରୁ ଗୋଟିଏର ସଦସ୍ୟ ପ୍ରଥମ ଶ୍ରେଣୀ ପାହ୍ୟାରେ ଏବଂ ଅନ୍ୟ ପରିବାରର ସଦସ୍ୟ ଚତୁର୍ଥ ଶ୍ରେଣୀ ପାହ୍ୟାରେ ସଂରକ୍ଷଣ ସୁବିଧା ଆଧାରରେ ସରକାରୀ ଚାକିରି ପାଇଲେ । ତେବେ ଗୋଟିଏ ପିଢ଼ି ପରେ ଦୁଇଟି ଯାକ ପରିବାରର ଆର୍ଥିକ ସ୍ଥିତି ଓ ସ୍ୱଚ୍ଛଳତା ସମାନ ହୋଇନ ପାରେ । ସେ କ୍ଷେତ୍ରରେ ପୁଣି ଆର୍ଥିକ ବୈଷମ୍ୟ ସୃଷ୍ଟି ହେବ ନାହିଁ କି ? ଏହାଦ୍ୱାରା ସଂରକ୍ଷଣର ମୂଳ ଲକ୍ଷ୍ୟ ପୂରଣ ହେବ କିପରି ?

ବାସ୍ତବତା ହେଲା ଗରିବର କୌଣସି ଜାତି ନାହିଁ । ତେଣୁ ସଂରକ୍ଷଣ ବ୍ୟବସ୍ଥା ଜାତିଗତ ନ ହୋଇ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ମାନଦଣ୍ଡ ଆଧାରିତ ହେଲେ ବୈଷମ୍ୟ ସହିତ ବିଷମ ସ୍ଥିତି ଦୂର ହେବ । ଖଣ୍ଡପୀଠ ଏହା ମଧ ଉଲ୍ଲେଖ କରିଛନ୍ତି ଯେ ସଂରକ୍ଷଣର ସୁବିଧା ନେଇ ଯେଉଁମାନେ ରାଜନୈତିକ, ଅର୍ଥନୈତିକ, ସାମାଜିକ ସ୍ତରରେ ସ୍ୱଚ୍ଛଳ ହୋଇସାରିଛନ୍ତି ସେମାନଙ୍କୁ ଆଉ ପଛୁଆ ବର୍ଗ ବୋଲି ଧରାଯିବା ଉଚିତ ନୁହେଁ । ତେଣୁ ସେମାନେ ଅନୁସୂଚିତ ତାଲିକାରୁ ବାହାରି ଆସି ଅନ୍ୟ ପଛୁଆ ବର୍ଗଙ୍କୁ ସୁଯୋଗ ଦେବା ଉଚିତ । ସଂରକ୍ଷଣ ଜାତିଭିତ୍ତିକ ନ ହୋଇ ଜୀବନଧାରଣର ମାନ ସୁବିଧାସୁଯୋଗ, ଆର୍ଥିକ ସ୍ଥିତି ଓ ସାମାଜିକ ପ୍ରତିଷ୍ଠା ମାନଦଣ୍ଡରେ ନିରୂପିତ ହେବା ଉଚିତ । କିନ୍ତୁ ସବୁକିଛି ନିର୍ଭର କରୁଛି ରାଜନୈତିକ ଇଚ୍ଛାଶକ୍ତି ଉପରେ ।



# ଭାରତ ଓ ହିଂସାର ମାର୍ଗ

## ମହାତ୍ମା ଗାନ୍ଧୀ

ଯଦି ଭାରତବର୍ଷ ତରବାରୀର ମାର୍ଗକୁ ଗ୍ରହଣ କରେ, ତେବେ ତଦ୍ଦ୍ୱାରା ହୁଏତ ଏକ ସାମୟିକ ବିଜୟ ହାସଲ କରିପାରେ । ସେତେବେଳେ ଭାରତବର୍ଷ ଆଉ ମୋ'ହୃଦୟର ଗର୍ବ ହୋଇ କଦାପି ରହିବ ନାହିଁ । ଭାରତ ସହିତ ମୋ'ର ପରିଣୟ ହୋଇଯାଇଛି, କାରଣ, ମୋ'ର ସବୁକିଛି ମୁଁ ତାହାରିଠାରୁ ପାଇଛି । ପୃଥିବୀରେ ତାହାର ଏକ ବିଶେଷ ଲକ୍ଷ୍ୟ ପୂରଣ କରିବାକୁ ରହିଛି ବୋଲି ମୁଁ ଏକାନ୍ତଭାବରେ ବିଶ୍ୱାସ କରେ । ସିଏ କଦାପି ଅନ୍ଧଭାବରେ ଇଉରୋପର ଅନୁକରଣ କରିବ ନାହିଁ ।

ଭାରତ ତରବାରୀର ମାର୍ଗକୁ ଗ୍ରହଣ କଲେ ତାହା ମୋ' ଲାଗି ଏକ ପରୀକ୍ଷାର ମୁହୂର୍ତ୍ତ ରୂପେ ଅବତୀର୍ଣ୍ଣ ହେବ । ସେତେବେଳେ ମୁଁ କଦାପି ପଛରେ ରହିଯିବି ନାହିଁ ବୋଲି ଆଶା କରୁଛି । ମୋ' ଧର୍ମର ଆଦୌ କୌଣସି ସୀମାଧାର୍ଯ୍ୟକାରୀ ରେଖା ନାହିଁ । ଯଦି ସେଥିରେ ମୋ'ର ଏକ ସଚଳ ବିଶ୍ୱାସ ରହିଥାଏ ତେବେ ଭାରତବର୍ଷ ପ୍ରତି ରହିଥିବା ମୋ'ର ଭଲପାଇବାକୁ ମଧ ତାହା ଅତିକ୍ରମ କରିଯିବ । ଅହିଂସାର ଧର୍ମକୁ ମାଧମ କରି ଭାରତବର୍ଷର ସେବା ମୋ'ର ଜୀବନ ସେଇଥିଲାଗି ଉତ୍ସର୍ଗୀକୃତ ହୋଇ ରହିଛି । ଯଦି ଭାରତବର୍ଷ ହିଂସାର ପଥକୁ ବାଛିନିଏ, ଯଦି ସେତେବେଳେ ମୁଁ ଜୀବିତ ଥାଏ, ତେଣୁ ମୁଁ ଆଉ ସେହି ଭାରତବର୍ଷରେ ବାସ କରିବାକୁ କୌଣସି ମହତ୍ତ୍ୱ ଦେବି ନାହିଁ । ସେତେବେଳେ ତାହା ଆଉ ମୋ' ଭିତରେ ଆଦୌ କୌଣସି ଗୌରବ ବୋଧ ଉଦ୍ରେକ କରାଇବ ନାହିଁ । ମୋ'ର ଦେଶପ୍ରୀତି ମୋ' ଧର୍ମର ହିଁ ଅଧୀନ ହୋଇ ରହିଛି । ଗୋଟିଏ ଶିଶୁ ତା' ମାଆର ଛାତିକୁ ଯାବୁଡ଼ି ରହିଥିଲା ପରି ମୁଁ ଭାରତର ବକ୍ଷକୁ ଜାବୁଡ଼ିକରି ଧରିଛି, କାରଣ ମୁଁ ଅନୁଭବ କରୁଛି ଯେ ସିଏ ମୋତେ ମୋ'ର ଆବଶ୍ୟକ ପୋଷକ ଆଧାତ୍ମିକ ଖାଦ୍ୟ ଯୋଗାଇ ଦେଇ ପାରୁଛି । ତାହାର ବାତାବରଣରୁ ମୁଁ ମୋ' ଉଚ୍ଚତମ ଅଭୀପ୍ସାଗୁଡିକ ଲାଗି ଅନୁସ୍ୱନ୍ଦନ ପାଇପାରୁଛି । ଯେତେବେଳେ ସେହି ବିଶ୍ୱାସଟି ଚାଲିଯିବ, ସେତେବେଳେ ମୁଁ ଆପଣାକୁ ଏକ ଅନାଥ ପରି ହିଁ ଅନୁଭବ କରିବି ଏବଂ ମୁଁ ଆଉ କୌଣସି ତତ୍ତ୍ୱାବଧାରକ କେବେ ପାଇବି ବୋଲି ମୋ'ର କୌଣସି ଆଶା ନ ଥିବ ।

ମୁଁ ଏତିକି ଅବଶ୍ୟ ଜାଣିଛି ଯେ, ଯଦି ଅହିଂସାର ମାର୍ଗ ଗ୍ରହଣ କରି ଭାରତ ଦୃଶ୍ୟମାନ୍ ଭାବରେ ସୁପ୍ରତିଷ୍ଠ ହୋଇ ପାରିବ, ତେବେ ସିଏ ଏକ ବିଶାଳ ସୈନ୍ୟବାହିନୀ, ସେହିପରି ବିଶାଳ ଗୋଟିଏ ନୌବାହିନୀ ଏବଂ ଆହୁରି ଅଧିକ ବିଶାଳ ଆକାଶବାହିନୀ ରଖିବାକୁ କଦାପି ଇଚ୍ଛା କରିବ ନାହିଁ । ତା' ସ୍ୱାଧୀନତା ସଂଗ୍ରାମରେ ତାହାକୁ ଏକ ଅହିଂସ ବିଜୟ ଆଣି ଦେବାକୁ ଯଦି ଭାରତବର୍ଷର ଆତ୍ମଚେତନା ଆପଣାକୁ ଏକ ଅନୁରୂପ ଉଚ୍ଚତା ପର୍ଯ୍ୟନ୍ତ ଉତ୍ତୋଳିତ କରିନେଇ ପାରେ, ତେବେ ତଦ୍ଦ୍ୱାରା ପୃଥିବୀର ମୂଲ୍ୟବୋଧଗୁଡିକ ମଧ ବଦଳି ଯାଇଥିବ ଏବଂ ଯୁଦ୍ଧ ସଂକ୍ରାନ୍ତୀୟ ଅଧିକାଂଶ ସାଜ ସାମଗ୍ରୀ ମଧ ଏକାନ୍ତ ଅନୁପଯୋଗୀ ବୋଲି ପ୍ରମାଣିତ ହୋଇଥିବ । ଏପରି ଏକ ଭାରତର କଳ୍ପନା କେବଳ ଏକ ଦିବାସ୍ୱପ୍ନ ହୋଇପାରେ, ଏକ ଶିଶୁସୁଲଭ ନିର୍ବୋଧତା ହୋଇପାରେ । ମାତ୍ର, ମୋ' ମତରେ ଅହିଂସାର ମାର୍ଗରେ ନିଜର ସ୍ୱାଧୀନତା ଲାଭ କରିଥିବା ଏକ ଭାରତବର୍ଷର ତାହା ଅବଶ୍ୟ ନିହିତାର୍ଥ ହୋଇ ରହିବ । ସେତେବେଳେ ତାହାର କଣ୍ଠ ଏକ ଶକ୍ତିଶାଳୀ ଜାତିର କଣ୍ଠ ସଦୃଶ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥିବ ଏବଂ ତାହା ପୃଥିବୀର ଯାବତୀୟ ହିଂସାତ୍ମକ ଶକ୍ତିକୁ ସଂଯତ କରି ରଖିବାକୁ ନିଶ୍ଚୟ ଇଚ୍ଛା କରୁଥିବ ।

ଜାତୀୟ ସରକାର କେଉଁ ନୀତି ଗ୍ରହଣ କରିବେ, ମୁଁ ତାହା କହି ପାରିବି ନାହିଁ । ଦୀର୍ଘଦିନ ବଞ୍ଚି ରହିବାକୁ ଚାହୁଁଥିଲେ ମଧ ମୁଁ ହୁଏତ ସେହି ସରକାରର କାର୍ଯ୍ୟକଳାପ ଦେଖିବାକୁ ସେତେ ଦିନ ବଞ୍ଚିବି ନାହିଁ । ଯଦି ବଞ୍ଚିଥିବି ତେବେ ଯଥାସମ୍ଭବ ଅଧିକ ପରିମାଣରେ ଅହିଂସାକୁ ହିଁ ଗ୍ରହଣ କରିବାକୁ ମୁଁ ପରାମର୍ଶ ଦେବି ଏବଂ ତାହା ହିଁ ବିଶ୍ୱଶାନ୍ତି ନିମନ୍ତେ ଭାରତବର୍ଷର ମହାନ୍ ଅବଦାନ ହୋଇ ରହିବ ଓ ଏକ ନୂତନ ବିଶ୍ୱବ୍ୟବସ୍ଥାର ପ୍ରତିଷ୍ଠା ଲାଗି ମଧ ତାହା ଏକ ବୃହତ୍ ଅବଦାନ ହେବ । ଅବଶ୍ୟ ମୁଁ ଆଶଙ୍କା କରୁଛି ଯେ, ଭାରତବର୍ଷରେ ଏତେ ଅଧିକ ସଂଖ୍ୟାର ସାମରିକ ଜାତି ରହିଥିବାରୁ ଓ ସମସାମୟିକ ଶାସନରେ ସେମାନଙ୍କର ସମସ୍ତଙ୍କର ଏକ ଦୃଢ଼ ମତ ଅବଶ୍ୟ ରହିବାର ସମ୍ଭାବନା ଥିବାରୁ ଜାତୀୟ ନୀତି କିଞ୍ଚିତ ପରିବର୍ତ୍ତନ ସହିତ ଏକ ସୈନ୍ୟବାଦ ଆଡ଼କୁ ଅଧିକ ଆଗ୍ରହ ଦେଖାଇବ । ଅବଶ୍ୟ ମୁଁ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଆଶା ରଖୁଛି ଯେ, ଏକ ରାଜନୀତିକ ଶକ୍ତି ହିସାବରେ ଅହିଂସାର ଫଳପ୍ରଦତାକୁ ପ୍ରମାଣ କରିଥିବାର ଏହି ଯାବତୀୟ ପ୍ରୟାସ କଦାପି ବ୍ୟର୍ଥ ହୋଇଯିବ ନାହିଁ ଏବଂ ପ୍ରକୃତ ଅହିଂସାର ପ୍ରତିନିଧିତ୍ୱ କରି ଗୋଟିଏ ଶକ୍ତିଶାଳୀ ଦଳ ଦେଶରେ ନିଶ୍ଚୟ ରହିବ ।

# ବହୁ ରୋଗର ମହୌଷଧି ଡାଳିମ୍ବ


ଡାଳିମ୍ବ ଜୁସ୍ ଔଷଧୀୟ ଗୁଣ ପାଇଁ ଜଣାଶୁଣା । ଏହା ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଭିଟାମିନ୍, ଖଣିଜ ଓ ଫ୍ଲେବୋନାଇଡରେ ଭରପୁର । ଡାଳିମ୍ବ ଜୁସ୍ ଅନେକ ରୋଗର ମହୌଷଧି । ଏହା ମଧ ଭିଟାମିନର ଏକ ଉତ୍ତମ ଉତ୍ସ ।



ଏଥିରେ ବିଶେଷ ଭାବେ ଭିଟାମିନ୍ ଏ, ସି ଓ ଇ ସହିତ ଫୋଲିକ୍ ଏସିଡ୍ ରହିଥାଏ । ଡାଳିମ୍ବ ରକ୍ତଚାପ, ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରେ । ପ୍ରତିଦିନ ଡାଳିମ୍ବ ଜୁସ୍ ପିଇବା ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ଠିକ୍ ରହିଥାଏ । ଡାଳିମ୍ବ ଜୁସ୍ ନିମ୍ନ ରକ୍ତଚାପ ପାଇଁ ଉପକାରୀ । ଏହା ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ଉଭୟ ପ୍ରକାର ରକ୍ତଚାପକୁ କମ୍ କରିପାରେ ।

ଓଜନ କମାଇବା ପାଇଁ ଡାଏଟରେ ଡାଳିମ୍ବ ଜୁସ୍ ସାମିଲ କରନ୍ତୁ । ଏଥିରେ ଫାଇବରର ମାତ୍ରା ଥିବା ଯୋଗୁଁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନ ଥାଏ । ଦୈନିକ ଆବଶ୍ୟକ ହେଉଥିବା ୪୦% ରୁ ଅଧିକ ପ୍ରୋଟିନ ଡାଳିମ୍ବରେ ଥାଏ । ଉଚ୍ଚ ରକ୍ତଚାପ ଓ ହୃଦରୋଗରୁ ମୁକ୍ତି ପାଇଁ ଆବଶ୍ୟକ ଭିଟାମିନ୍ ସି ଏଥିରେ ଅଛି ।

# ସ୍ୱର୍ବେଦ




**ବ୍ରହ୍ମଓ୍ୱିଦ୍ୟା ପର ଶ୍ରେଷ୍ଠ ହୈ, ସବ ଓ୍ୱିଦ୍ୟା ଶିରତାଜ ।**
**ଭାନୁ ଉଦୟ ଖଦ୍ୟୋତ ଜୈଁୟା, ତୈଁୟା ଓ୍ୱିଦ୍ୟା ସବ ଲାଜ ॥୨୧॥**

ଭାଷ୍ୟ - ବ୍ରହ୍ମବିଦ୍ୟା ସମସ୍ତ ବିଦ୍ୟାର ଆତ୍ମା ସର୍ବଶ୍ରେଷ୍ଠ, ଶିରୋମଣି ଅଟେ । ଯେଉଁ ପ୍ରକାର ସୂର୍ଯ୍ୟ ଉଦୟ ହେବା ପରେ ବିଜୁଳି ଚମକିଲେ ସୁଦ୍ଧା ତାର ପ୍ରକାଶ ଜଣାପଡ଼େ ନାହିଁ, ସେହି ପ୍ରକାର ବ୍ରହ୍ମବିଦ୍ୟାର ପ୍ରକାଶରେ ସମସ୍ତ ବିଦ୍ୟା ଢାଙ୍କି ହୋଇଯାଆନ୍ତି ।

**ଅପରା ଓ୍ୱିଦ୍ୟା ସର୍ଓ୍ୱ ଜୋ, ଜଗ ପ୍ରକୃତି କେ କାମ ।**
**ଓ୍ୱିଦ୍ୟା ପରା ସେ ପ୍ରଭୁ ମିଲେଁ, ସାଧନ ତାରକ ନାମ ॥୨୨॥**

ଭାଷ୍ୟ - ପରା ଏବଂ ଅପରା - ବିଦ୍ୟା ଦୁଇ ପ୍ରକାର । ପ୍ରକୃତି ମଣ୍ଡଳ ଭିତରେ ତାହାର ବିକାଶ ସାଧନର ଯେତିକି ବିଦ୍ୟା ଅଛି, ସେ ସମସ୍ତ ଅପରା ବିଦ୍ୟା ଅଟନ୍ତି । ବେଦ ବେଦାଙ୍ଗ ଏବଂ କଳା କୌଶଳ - ଏ ସମସ୍ତ ପରା ବିଦ୍ୟା ଅଟନ୍ତି । ଯାହା ଦ୍ୱାରା ନାମ, ସତ୍‌ପୁରୁଷଙ୍କର ପ୍ରାପ୍ତି ହୋଇଥାଏ, ତାହା ପରାବିଦ୍ୟା ଅଟେ । ଭବସାଗରରୁ ମୁକ୍ତି ପ୍ରଦାନକାରୀ ନାମ ଅଟେ, ସେହି ନାମର ପ୍ରାପ୍ତି ବ୍ରହ୍ମବିଦ୍ୟା ଦ୍ୱାରା ସମ୍ଭବ । ପ୍ରଭୁପ୍ରାପ୍ତିର ଏକମାତ୍ର ସତ୍‌ମାର୍ଗ ପରାବିଦ୍ୟା ଅଟେ ।

**ଜଗ ଜୀଓ୍ୱ ତାରକ ନାମ ହୈ, ମିଲେ ପରା କେ ଭେଦ ।**
**କାକ ହଂସ ବନ ଉଡ଼ ଚଲା, ମହିମା ଗାଓ୍ୱେଁ ଓ୍ୱେଦ ॥୨୩॥**

ଭାଷ୍ୟ - ଜଗତର ଜୀବମାନଙ୍କର ତ୍ରାଣକର୍ତ୍ତା ନାମ ଅଟେ । ତାହା ପରାବିଦ୍ୟାର ଅନୁଭବ ଭେଦ ସାଧନ ଦ୍ୱାରା ପ୍ରାପ୍ତ ହୋଇଥାଏ । ପ୍ରକୃତି ସଂଘାତରୂପୀ କାକ ଆତ୍ମ ଯୋଗସାଧନର ଅନୁଭବ ଯୁକ୍ତି ଦ୍ୱାରା ପ୍ରକୃତି ବନ୍ଧନରୁ ମୁକ୍ତ ହୋଇ ଶୁଦ୍ଧ ହଂସ ସ୍ୱରୂପକୁ ପ୍ରାପ୍ତ ହୋଇଥାଏ । ଜୀବାତ୍ମାକୁ ହଂସ କହନ୍ତି, ତାହା ବିହଙ୍ଗମ ମାର୍ଗ ଦ୍ୱାରା ଚିଦାକାଶରେ ପହଞ୍ଚିଯାଏ ଓ ପରମାନନ୍ଦକୁ ପ୍ରାପ୍ତ କରେ । ଏହା କାକରୁ ହଂସରେ ପରିଣତ ହେବା ବୋଲି ଅଭିହିତ କରିବାର ଅଭିପ୍ରାୟ ଅଟେ । ବ୍ରହ୍ମବିଦ୍ୟାର ଭେଦ ଦ୍ୱାରା ହିଁ କାକରୂପୀ ଦେହ ସଂଘାତୀ ଆତ୍ମା ହଂସ ହୋଇ ଅମୃତ ମହାସାଗରର ମୋତୀକୁ ବାଛିଥାଏ । ନାମ, ସତ୍‌ପୁରୁଷଙ୍କର ମହିମା ଚାରିବେଦ ଗାନ କରିଥାନ୍ତି । ବେଦରେ ନାମ କଣା ଏବଂ ଶବ୍ଦ, ସତ୍‌ପୁରୁଷଙ୍କର ବାଚକ ଅଟନ୍ତି ।

**ଜିଓ୍ୱନ୍ମୁକ୍ତି ପ୍ରଭୁ ମିଲନ ହୈ, ମଧୁଓ୍ୱିଦ୍ୟା କେ ବୋଧ ।**
**ଋଷି ମୁନି ୟୋଗୀ ମାତୁ ହୈ, ଆତମ ତନ ମନ ସୋଧ ॥୨୪॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଅନୁଭବ ବିବେକ ଦ୍ୱାରା ଜୀବନ୍ମୁକ୍ତି ଓ ପ୍ରଭୁଙ୍କର ପ୍ରାପ୍ତି ହୋଇଥାଏ ଏବଂ ଆତ୍ମା ଦେହ ସଂଘାତରେ ବିଛାଇ ହୋଇ ପଡ଼ିଥିବା ଶକ୍ତିକୁ ସାଧନ ଦ୍ୱାରା ନିଜ ଲକ୍ଷ୍ୟ ଆଡ଼କୁ ନେଇଯାଇ ସ୍ଥିର କରିଥାଏ । ଋଷି, ମୁନି ଯୋଗୀଗଣଙ୍କର ମାତା ବ୍ରହ୍ମବିଦ୍ୟା ଅଟେ, ଯାହାର ପ୍ରକାଶରେ ସମସ୍ତ ଅନୁଭବ ତତ୍ତ୍ୱଗୁଡ଼ିକର ପ୍ରାପ୍ତି ଏବଂ ତାହା ଦ୍ୱାରା ରକ୍ଷା ହୋଇଥାଏ । ବ୍ରହ୍ମବିଦ୍ୟା ସମସ୍ତ ଜ୍ଞାନ ବିଜ୍ଞାନର ଜନନୀ ଅଟେ ।

**ଅମତ ଓ୍ୱ ମତ ସବ ମତ ପରେ, ଜ୍ଞାନ ଜ୍ଞାନ କା ହୋୟ ।**
**ଜେହି ଅନୁଭଓ୍ୱ ଅନୁଭଓ୍ୱ ମିଲେ, ଓ୍ୱିଦ୍ୟା ପରା ହୈ ସୋୟ ॥୨୫॥**

ଭାଷ୍ୟ - ବ୍ରହ୍ମବିଦ୍ୟା ସମ୍ପ୍ରଦାୟ ନୁହେଁ, ଏହା ସମସ୍ତ ମତ ଏବଂ ମତାନ୍ତର ଶୂନ୍ୟ ଅନ୍ୟମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ଯେଉଁ ଜ୍ଞାନରୁ ସମସ୍ତ ପ୍ରକାର ଜ୍ଞାନ ପ୍ରାପ୍ତ ହୋଇଥାନ୍ତି ଏବଂ ଯେଉଁ ଅନୁଭବରୁ ସମସ୍ତ ଅନୁଭବ ସ୍ୱତଃ ପ୍ରତ୍ୟକ୍ଷ ହୋଇଯାଏ, ତାହା ପରାବିଦ୍ୟା ଅଟେ ।

**ପରୋକ୍ଷ ଔର ଅପରୋକ୍ଷ କା, ବ୍ରହ୍ମଓ୍ୱିଦ୍ୟା ଦୋ ଭେଦ ।**
**ଶାନ୍ତି ବୋଧ ପର ବୋଧ ମେଁ, ଅନ୍ତର ଅନୁଭଓ୍ୱ ଓ୍ୱେଦ ॥୨୬॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଦୁଇ ପ୍ରକାର ରହସ୍ୟ ରହିଛି । ଗୋଟିଏ ପରୋକ୍ଷ ଏବଂ ଅନ୍ୟଟି ଅପରୋକ୍ଷ । ପ୍ରଥମତଃ ସମସ୍ତ ତତ୍ତ୍ୱଗୁଡ଼ିକର ପରୋକ୍ଷ ବୋଧ ହୋଇଥାଏ । ଏହା ପରେ ଅନ୍ତର ଅନୁଭବ ଭେଦ ସାଧନ ଦ୍ୱାରା ପୂର୍ଣ୍ଣ ବୋଧ ଓ ଶାନ୍ତି ପ୍ରାପ୍ତ ହୋଇଥାଏ ।

# ଖାଲି ପେଟରେ ପିଅନ୍ତୁ ଜିରାପାଣି

ଜିରାପାଣିରେ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ଓ ମିନେରାଲ ଅଛି । ଏହା ଖାଦ୍ୟ ହଜମ ପ୍ରକ୍ରିୟାକୁ ଭଲ କରେ । ପାଚନ ତନ୍ତ୍ରକୁ ସୁସ୍ଥ ରଖେ । କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ମର୍ଣ୍ଣିଂ ସିକନେସ୍ ଦୂର କରେ ।

ଜିରାପାଣିକୁ ଶରୀରକୁ ପ୍ରଚୁର ଆଇରନ ମିଳେ । ସେଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ବି ରହିଛି । ପ୍ରତିଦିନ ଜିରାପାଣି ପିଇଲେ ଇମ୍ୟୁନିଟି ସିଷ୍ଟମ୍ ବଢ଼େ, ଓଜନ ନିୟନ୍ତ୍ରଣରେ ରହେ ।

ମୋଟା ଲୋକ ସବୁଦିନ ଜିରାପାଣି ପିଇଲେ ଭଲ ନିଦ ହୁଏ । ଜିରାପାଣିରେ ଫାଇବର୍ ମିଳେ । ଶରୀରକୁ ହାଇଡ୍ରେଟ୍



ରଖେ । ଗିଲାସେ ପାଣିରେ ଦୁଇ ଚାମଚ ଗୋଟା ଜିରା ପକାଇ ଏକ ପାତ୍ରରେ ୧୦ ମିନିଟ୍ ଫୁଟାନ୍ତୁ । ସେହି ପାଣିକୁ ସବୁଦିନ ଖାଲି ପେଟରେ ପିଅନ୍ତୁ ।

## ଟିକିଏ ହସନ୍ତୁ

ସ୍ୱାମୀ ସ୍ତ୍ରୀକୁ : ତୁମ ବାପାଙ୍କର କଟାଘା'ରେ ଚୂନ ମାରିବା ଗୁଣ ଆଜିଯାଏଁ ଗଲାନି ।

ସ୍ତ୍ରୀ : ଏମିତି କ'ଣ କହୁଛ ? ମୋ ବାପା ଏମିତି କ'ଣ କଲେକି ?

ସ୍ୱାମୀ : ଆଜି ସେ ପୁଣି ମତେ ପଚାରୁଥିଲେ, ମୋ ଝିଅକୁ ବାହା ହୋଇ ଖୁସିରେ ଅଛ ତ ?

× × × ×

ମଣ୍ଟୁ ରୋଜିକୁ : ରାତିରେ ଏତେ ମଶା ହେଉଛନ୍ତି ଯେ, ଶୋଇବାକୁ ଦେଉ ନାହାନ୍ତି । କ'ଣ କରିବି କହିଲୁ ।

ରୋଜି : ଗୋଟେ କାମ କର । ଶୋଇବା ପୂର୍ବରୁ ଗୋଟେ ମଶାକୁ ମାରିଦେ । ଅନ୍ୟ ମଶା ତାକୁ ଧରି କାନ୍ଦିବା ସହ ତା' ଅନ୍ତିମ ସଂସ୍କାର କରିବାରେ ବ୍ୟସ୍ତ ରହିବେ । ଆଉ ତୁ ଆରାମରେ ଶୋଇପଡ଼ିବୁ ।

× × × ×

ମହେଶ ନବକୁ : ଆରେ ଦୁଇ ମାସ ତଳେ ମୁଁ ତୋ ନମ୍ବର ପ୍ଲେଟ୍‌ରେ ଦେଖୁଥିଲି ବିଏ ଲେଖାଥିଲା । ଏବେ କ'ଣ ଏମ୍‌ଏ ଲେଖି ଦେଲୁଣି । ଦୁଇ ମାସରେ କ'ଣ ତୁ ଦୁଇ ବର୍ଷର ଡିଗ୍ରୀ ହାସଲ କରିଦେଲୁ ?

ନବ : ନା ସେମିତି କିଛି ନୁହଁ । ଦୁଇ ମାସ ତଳେ ମୋ ସ୍ତ୍ରୀ ବାପଘର ଯାଇଥିଲା । ତେଣୁ ଲେଖୁଥିଲି ବ୍ୟାଚଲର୍ ଅଗେନ୍(ବିଏ) । ଏବେ ସେ ଆସିଗଲାଣି । ତେଣୁ ଲେଖିଦେଲି ମ୍ୟାରେଡ୍ ଅଗେନ୍ (ଏମ୍) ।



× × × ×

ଶିକ୍ଷକ : ବୁଝିଲ ପିଲାମାନେ, ବିଦେଶରେ ପିଲାମାନେ ୧୫ବର୍ଷ ବୟସର ହେଲାବେଳକୁ ବି ନିଜ ଗୋଡ଼ରେ ଛିଡ଼ା ହୋଇଯାଇଥାନ୍ତି ।

ଟପ୍‌ଲୁ ସାର୍ : ଏଇଟା କି ବଡ଼ କଥା ଆମ ଦେଶରେ ପରା ବର୍ଷକର ପିଲା ବି ଧାଇଁବାକୁ ଲାଗିଥାନ୍ତି ।

× × × ×

ଝିଅଟିଏ ରାସ୍ତାରେ ଯାଉଥିବା ସମୟରେ ଗୁପ୍‌ଚୁପ୍ ଠେଲାରେ ଲେଖା ହୋଇଥିଲା, ଯେଉଁମାନେ ପାଠ ପଢ଼ି ଜାଣି ନାହାନ୍ତି ତାଙ୍କ ପାଇଁ ଗୁପ୍‌ଚୁପ୍ ଫ୍ରି । ଏହାଦେଖି ଝିଅଟି ସଙ୍ଗେସଙ୍ଗେ ଆସି ଦୋକାନୀକୁ କହିଲା, ଭାଇ, ଗୁପ୍‌ଚୁପ୍ ଦିଅ ଖାଇବି । ଗୁପ୍‌ଚୁପ୍ ଖାଇ ସାରି ଯିବାକୁ ଲାଗିଲା । ଏହାଦେଖି ଗୁପ୍‌ଚୁପ୍ ବାଲା କହିଲା–ମ୍ୟାଡମ୍ ଟଙ୍କା କାହିଁ ?

ଯୁବନୀ : ତୁମ ଠେଲାରେ ବା ଲେଖା ଅଛି ଯେ ପାଠ ପଢ଼ି ଜାଣି ନ ଥିବ ତାଙ୍କ ପାଇଁ ଫ୍ରି ।

ଦୋକାନୀ : ମୋର ଦୋକାନରେ ଏ କଥା ଲେଖା ହୋଇଛି ବୋଲି ତୁମେ କେମିତି ଜାଣିଲ ?

ଯୁବତୀ : ପଢ଼ିକି ଜାଣିଲି ।

× × × ×

ଅଜୟ ମାର୍କେଟକୁ ଯାଇଥିଲା । ସେଠାରେ ଏକ ଛତା ଦୋକାନୀ ବସିଥିବାର ଦେଖିଲା । ଛତା ଦୋକାନୀ ଡାକୁଥିଲା ଛତା ନିଅ ଛତା । ଅଜୟ ସେଇ ଛତା ଦୋକାନୀ ପାଖକୁ ଆସି କହିଲା, ଭାଇ କେତେଟଙ୍କା ?

ଦୋକାନୀ : ଛତାର ଦାମ୍ ୨୦୦ଟଙ୍କା ।

ଅଜୟ ଆଉଟିକେ କମ୍ ନିଅନ୍ତେନି ?

ଦୋକାନୀ : ନିଅ ଏଇ ଛତା ଯାହାର ଦାମ୍ ୫୦ଟଙ୍କା ।

ଅଜୟ ଛତାଟିକୁ ଖୋଲି ଦେଖିଲା ବେଳକୁ ଛତାର ଉପରି ଭାଗରେ କପଡ଼ା ନାହିଁ ।

# ଅଖ୍ୟାତ ପଲ୍ଲୀର ବିଖ୍ୟାତ ଗବେଷିକା: ପଦ୍ମଶ୍ରୀ କମଳା ପୂଜାରୀ

**ଡ଼ଃ ପ୍ରମୋଦ କୁମାର ପଣ୍ଡା**

ଉପାନ୍ତ କୋରାପୁଟ ଜିଲ୍ଲାର ଏକ ନିପଟ ମଫସଲ ଆଦିବାସୀ ଗାଁ । ନାଁ ପାତ୍ରପୁଟ । ଓଡିଶା ମାନଚିତ୍ରରେ ଦିନେ ହଜିଯାଉଥିବା ଏହି ଅଖ୍ୟାତ ପଲ୍ଲୀ ଆଜି ବିଶ୍ୱବିଖ୍ୟାତ । ପ୍ରଖ୍ୟାତ ଅପାଠୁଆ ଆଦିବାସୀ ମହିଳା ଗବେଷିକା ପଦ୍ମଶ୍ରୀ କମଳା ପୂଜାରୀଙ୍କ କର୍ମଭୂମି । ୧୯୪୫ ମସିହାରେ ବୈପାରୀଗୁଡା ବ୍ଲକର ଦୁର୍ଗମ ଆଦିବାସୀ ଗାଁ କଣ୍ଡକିଗୁଡାରେ କମଳା ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଯେତେବେଳେ ଷୋହଳ ବର୍ଷ ବୟସ ସେ ବିବାହ କରିଥିଲେ ପାତ୍ରପୁଟ ନିବାସୀ କୃଷ୍ଣ ପୂଜାରୀଙ୍କୁ । ସେବେଠୁ ସେହି ଗାଁରେ ପରିବାର ସହିତ ବାସ କରନ୍ତି ପଦ୍ମଶ୍ରୀ ପୂଜାରୀ ।

ଏକ ସୁନ୍ଦର ଏବଂ ସାର୍ଥକ ନାମ କମଳା । ସଂସ୍କୃତର ମୂଳଶବ୍ଦ କମଳରୁ କମଳା ନାମର ଉତ୍ପତ୍ତି । କମଳ ଏକ ଫୁଲର ନାମ । ହିନ୍ଦୁଧର୍ମରେ କମଳ ଫୁଲକୁ ପବିତ୍ରତା, ସୁନ୍ଦରତା, ଆଧ୍ୟାତ୍ମିକତା, ପୁନର୍ଜନ୍ମ ଓ ନବୀକରଣର ପ୍ରତୀକ ବୋଲି ବିବେଚନା କରାଯାଏ । ଆଶା ଓ ନବୀନ ପ୍ରାରମ୍ଭର ପ୍ରତିନିଧିତ୍ୱ କରୁଥିବା କମଳ ଧନ, ସମୃଦ୍ଧି ତଥା ସୌଭାଗ୍ୟ ପ୍ରଦାୟିନୀ ମାଁ ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ । ଗଭୀର ଜଳତଳେ ସ୍ଥିତ ମାଟିକୁ ଜଡ଼ ଜାବୁଡି ଧରି ଫୁଲକୁ ପାଣି ଉପରକୁ ଉଠାଇବାରେ ସାହାଯ୍ୟ କରିବା ପଙ୍କରୁ ଜନ୍ମିତ କମଳର ଧର୍ମ । ଅନୁରୂପ ଧର୍ମ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଜୀବନରେ ପ୍ରତିବିମ୍ବିତ ହୁଏ । କମଳ ସଦୃଶ ପଙ୍କରୁ ଜନ୍ମିତା କମଳା ମାଟିମାଁ କୁ କେବେବି ଭୁଲି ନାହାନ୍ତି । ଅତି ଆଦରରେ କୋଳେଇ ରଖିଥିଲେ ନିଜର କର୍ମ ଭୂମି ପାତ୍ରପୁଟ ଗାଁ କୁ । କମଳା ଅର୍ଥାତ ପଦ୍ମ, ପଦ୍ମ ଉପାଧିରେ ବିଭୂଷିତା । ଦେଶର ଚତୁର୍ଥ ଶ୍ରେଷ୍ଠ ନାଗରିକ ସମ୍ମାନ ପଦ୍ମ ସମ୍ମାନରେ ସମ୍ମାନୀତା । ଏସବୁ ଈଶ୍ୱରଙ୍କ ବରାଦ ଏବଂ ସଂଯୋଗ ସହିତ କମଳାଙ୍କ ଉଦଯୋଗର ପରିଣାମ । ଯିଏ ପୂଜା କରେ ସେ ପୂଜାରୀ । କମଳା ଥିଲେ ଜଣେ ଶ୍ରେଷ୍ଠ ପୂଜାରିଣୀ, ଉପାସିକା । କର୍ତ୍ତବ୍ୟ କର୍ମର ଉପାସନା ଥିଲା ତାଙ୍କର ପରମ ଧର୍ମ । ଶିକ୍ଷା ଓ ସାଧନ ତାଙ୍କରି ମନୋବଳ ଓ ଆତ୍ମପ୍ରତ୍ୟୟ ଆଗରେ ପରାଜୟ ସ୍ୱୀକାର କରିଛି । କର୍ମତତ୍ପର ଜୀବନ ତଥା ନିରନ୍ତର ପ୍ରୟାସ ଥିଲା ତାଙ୍କର ଅମୋଘ ଆୟୁଧ । ନିଷ୍ଠ ନୀତିର ନିଦର୍ଶନ ଥିଲେ ପଦ୍ମଶ୍ରୀ କମଳା ପୂଜାରୀ ।

ପ୍ରାରମ୍ଭିକ ଅବସ୍ଥାରେ ସେ ନିଜ ଗାଁ ପାତ୍ରପୁଟରେ ଜଙ୍ଗଲ ସଂରକ୍ଷଣ ସକାଶେ ତ୍ରିନାଥ ବନ ସୁରକ୍ଷା ସମିତି ଗଠନ କରିଥିଲେ । ପରେ ଜୟପୁର ସ୍ଥିତ ଏମ ଏସ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ସହ ସମ୍ପୃକ୍ତ ହୋଇ ଆଖପାଖର ଗାଁ ଗଣ୍ଡା ବୁଲି ବିଲୁପ୍ତ ପ୍ରାୟ ଦେଶୀ ଧାନ ବିହନ ସଂଗ୍ରହ ଓ ସଂରକ୍ଷଣ କାମ ଆରମ୍ଭ କରିଥିଲେ । ବିରଳ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିହନ ସଂଗ୍ରହ କରି ସାଇତି ରଖିବା ଥିଲା ତାଙ୍କର ଅଭ୍ୟାସ । ନିଜର ଜୀବନକାଳ ମଧ୍ୟରେ ଶତାଧିକ ଲୁପ୍ତପ୍ରାୟ ଧାନ ବିହନ ସଂଗ୍ରହ କରି ତାଙ୍କୁ ପୁନର୍ଜନ୍ମ ଦେଇଛନ୍ତି ସେ । ତାଙ୍କ ଗାଁ ସ୍ଥିତ ନୁଆଁଣିଆଁ ଚାଳଛପର ଘର ପାଲଟି ଯାଇଥିଲା ଶସ୍ୟ ବିହନର ଭଣ୍ଡାର । ଦୁନିଆଁ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରି ହାଇବ୍ରିଡ଼ ଧାନ ଉତ୍ପାଦନର ସ୍ୱପ୍ନରେ ମସ୍ତ ଥିବାବେଳେ ସେ ପାରମ୍ପରିକ ଚାଷ, ଜୈବିକ କୃଷିକୁ ପ୍ରୋତ୍ସାହନ, ପରିବେଶ ସୁରକ୍ଷା, ବିଭିନ୍ନ କିସମର ଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିହନ ସଂଗ୍ରହ ଓ ସଂରକ୍ଷଣ ଦିଗରେ ଲୋକଙ୍କୁ ସଚେତନ କରୁଥିଲେ । ତା ସହିତ ନିଜେ ନିଜ ଜମିରେ ଦେଶୀ ଧାନ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଥିଲେ ।

ବିରଳ ପ୍ରଜାତିର ଧାନ ବିହନ ସଂଗ୍ରହ ଓ ସଂରକ୍ଷଣ କମଳାଙ୍କୁ କରିଥିଲା ଅତ୍ୟନ୍ତ ବିରଳ । କୃଷି କ୍ଷେତ୍ରକୁ ତାଙ୍କର ଅନବଦ୍ୟ ଦାନ ପାଇଁ ସେ ପାଇଥିଲେ ଅନେକ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର । ୨୦୦୨ ମସିହାରେ ଦକ୍ଷିଣ ଆଫ୍ରିକାର ଜୋହାନସବର୍ଗ ଠାରେ ଆୟୋଜିତ ନିରନ୍ତର ବିକାଶ ସମ୍ମିଳନୀରେ ଏକ୍ୱେଟର ଇନିସିଏଟିଭ ଆୱାର୍ଡ, ୨୦୦୩ ରେ ଭାରତ ସରକାରଙ୍କ ପକ୍ଷରୁ ଜାତୀୟ କୃଷି ବିଶାରଦ ସମ୍ମାନ, ୨୦୦୪ରେ ରାଜ୍ୟର ଶ୍ରେଷ୍ଠ ମହିଳା କୃଷକ ପୁରସ୍କାର ଓ ୨୦୧୭ ରେ ଇଟିଭି ପ୍ରତଭା ସମ୍ମାନ, ପ୍ରଦ୍ୟୁମ୍ନ ବଳ ସମ୍ମାନ, ପରବ ସମ୍ମାନରେ ସେ ସମ୍ମାନିତା । କୃଷି ପ୍ରତି ଉଲ୍ଲେଖନୀୟ ଅବଦାନ ଓ ଉତ୍ସର୍ଗୀକୃତ ମନୋଭାବ ପାଇଁ ୨୦୧୯ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତତ୍କାଳୀନ ମହାମହିମ ରଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ । ୨୦୧୭ ମସିହାରେ ଭୁବନେଶ୍ୱର ସ୍ଥିତ ଓୟୁଏଟି ର ମହିଳା ଛାତ୍ରୀ ନିବାସ ତାଙ୍କ ନାମରେ ନାମିତ କରାଯାଇଥିଲା । ସେ ଓଡିଶା ରାଜ୍ୟ ଯୋଜନା ବୋର୍ଡର ପ୍ରଥମ ଆଦିବାସୀ ମହିଳା ସଦସ୍ୟ ଭାବେ ୨୦୧୮ ରୁ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କୁ ବନ ସୁରକ୍ଷା ସମିତି, ପଞ୍ଚବଟୀ ଗ୍ରାମ୍ୟ ଉନ୍ନୟନ ସମ୍ମାନ ମଧ ପ୍ରଦାନ କରାଯାଇଥିଲା ।

ଗତ ୨୦.୦୭.୨୦୨୪ ସକାଳେ କଟକ ବଡ ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ହୃତଘାତରେ ତାଙ୍କର ମୃତ୍ୟୁ ହୋଇଥିଲା । ନିଜର କର୍ମଭୂମି ପାତ୍ରପୁଟରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଆଜି ସେହି ପୁଣ୍ୟାତ୍ମା ଆଉ ଆମ ଗହଣରେ ନାହାନ୍ତି । ହେଲେ ପଛରେ ଛାଡି ଯାଇଛନ୍ତି ଅନେକ ଅଭୁଲା ସ୍ମୃତି, ଉଲ୍ଲେଖନୀୟ ଅବଦାନ ଓ ପରମ୍ପରା ସୁରକ୍ଷାର ପବିତ୍ର ପାଦଚିହ୍ନ । ଯୁଗେଯୁଗେ ଏମିତି ଜଣେ ମହିୟସୀ ମହିଳା ମହାପ୍ରୟାଣ ଉପରାନ୍ତେ ମଧ ସମସ୍ତଙ୍କ ମନରେ ଅମର ହୋଇ ରହିବେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

## ପାଲୁଅର ଉପକାରିତା

**ପା**ଲୁଅର ଅନ୍ୟ ନାମ ଆରାରୋଟ । ଏହା ପ୍ରାୟତଃ ଗାଁ ଗହଳିରେ ଆଗକାଳରେ ଚାଷ କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ଚାଷ ଆମ ଦେଶରେ ପ୍ରାୟ କଦବା କ୍ୱଚିତ୍ କରାଯାଉଛି । ଦିନ ଥିଲା ଛୋଟ ପିଲାଙ୍କ ଖାଦ୍ୟ ଭାବେ ଏହାକୁ ବ୍ୟବହାର କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ବ୍ୟବହାର ଖୁବ୍ କମି ଯାଇଥିଲେ ମଧ ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ । ଆରାରୋଟ ପାଉଡର ରୁଟି, କେକ୍ ଓ ପାସ୍ତା ଆଦି ତିଆରିରେ ବ୍ୟବହାର କରାଯାଉଛି ।

ହାଲକା ଓ ଅଦ୍ଭୁତ ସ୍ୱାଦ ବ୍ୟତୀତ ପାଲୁଅ ବା ଆରୋରୋଟରେ ପୋଷକ ତତ୍ତ୍ୱ, ଭିଟାମିନ୍ ଓ ଖଣିଜ ସ୍ରୋତ ଉତ୍ତମ ରୂପରେ ରହିଛି । ୧୨୦ ଗ୍ରାମ ଆରାରୋଟରେ ୪୦୬ ଗ୍ରାମ ଭିଟାମିନ୍ ବି-୯, ୨.୬୬ ମିଲିଗ୍ରାମ ଆଇରନ, ୦.୩୧୯ ମିଲିଗ୍ରାମ ଭିଟାମିନ୍ ବି, ୧୧୮ ମିଲିଗ୍ରାମ ଫସଫରସ, ୦.୧୪୫ ମିଲିଗ୍ରାମ କପର, ୦.୧୭୨ ମିଲି ଗ୍ରାମ ଭିଟାମିନ୍ ବି-୧, ୨.୦୩୨ ମିଲିଗ୍ରାମ ଭିଟାମିନ୍ ବି-୩, ୧୬.୦୭ ଗ୍ରାମ କାର୍ବୋହାଇଡ୍ରେଟ୍, ୫୪୫ ମିଲିଗ୍ରାମ ପୋଟାସିୟମ୍, ୫.୦୯ ଗ୍ରାମ ପ୍ରୋଟିନ୍ ମିଳିଥାଏ । ଏହା ପେଟ ସମସ୍ୟାକୁ ଦୂର କରିବା ସହ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

ପାଲୁଅରେ ତମ୍ବା ଓ ଲୌହର ଉତ୍ତମ ପରିମାଣ ରହିଛି । ଯାହା କି ଲାଲ ରକ୍ତ କୋଷିକା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଆନେମିଆ ଦୂର କରିବାରେ ପାଲୁଅ ରାମବାଣ ତୁଲ୍ୟ କାମ କରେ । ଏଥି ସହିତ ରକ୍ତ ପରିଷ୍କାର କରିବାରେ ପାଲୁଅ ଉତ୍ତମ ରୂପେ କାମ କରିଥାଏ ।

ଏଥିରେ ଭିଟାମିନ୍ ବି- ଅଧିକ ପରିମାଣରେ ରହିଥାଏ । ମେଟାବଲିଜିମରେ ସୁଧାର ଆଣିବା ଲାଗି



ଆରାରୋଟ ଖୁବ୍ ଭଲ । ଗର୍ଭବତୀଙ୍କ ପାଇଁ ପାଲୁଅ ଖୁବ୍ ଲାଭଦାୟକ । ପାଲୁଅରେ ଥିବା ଫଲେଟ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ଉପକାରୀ । କାରଣ ଏହା ଶିଶୁର ନ୍ୟୁରଲ ଟ୍ୟୁବ ଆଶଙ୍କାକୁ କମ୍ କରିଥାଏ । ଅନ୍ୟଷ୍ଟାର୍ଚ ତୁଳନାରେ ଏହା ସହଜରେ ହଜମ ହୋଇ ଯାଇଥାଏ । ଏଥି ସହିତ ମା'କ୍ଷୀର ବୃଦ୍ଧି କରିବାରେ ସହାୟ ହୋଇଥାଏ ।

ପାଲୁଅରେ ଖୁବ୍ କମ୍ କ୍ୟାଲୋରୀ ରହିଛି, ଏଥିପାଇଁ ଓଜନ କମ କରିଥାଏ । ଏଥି ଲାଗି ଡାଏଟରେ ନିୟମିତ ପାଲୁଅ ସାମିଲ କରନ୍ତୁ । ଆରୋରୋଟରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଓଜନ ବଢ଼ି ନ ଥାଏ ।

ପାଲୁଅରେ ଉତ୍ତମ ମାତ୍ରାରେ ପୋଟାସିୟମ ରହିଥାଏ ଯେଉଁ କାରଣରୁ ଏହା ହୃଦ୍ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିଥାଏ । ଏଥିପାଇଁ ରକ୍ତ ବାହିକା ଧମନୀରେ ଚାପକୁ କମ କରିବା ସହିତ ହୃଦୟକୁ ଆରାମ ଦେଇଥାଏ । ଯେଉଁଥିପାଇଁ ରକ୍ତଚାପ କମ୍ ହୁଏ । ଏଥି ସହିତ ଏଥିରେ ଥିବା ଆଥେରୋସ୍କେରୋସିସ୍ ଥାଏ ଯାହା ହୃଦଘାତ ଓ ଷ୍ଟ୍ରୋକ୍ ଆଦି କମ୍ କରିବାରେ ସହାୟକ ହୋଇଥାଏ ।


## ଅତ୍ୟଧିକ କଲରା ସେବନ ହାନିକାରକ

**କୁ**ହାଯାଏ କଲରା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଲାଭକାରୀ । କିନ୍ତୁ ବର୍ତ୍ତମାନ ଜଣାପଡିଛି ଏହା ଆବଶ୍ୟକତାଠୁ ଅଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମଧୁମେହ ରୋଗୀ ଅଧିକ କଲରା ସେବନ କରିବା ଦ୍ୱାରା ପିତ୍ତକୋଷ ଉପରେ କୁପ୍ରଭାବ ପଡିଥାଏ । ଏପରିକି ଗର୍ଭବତୀ



ମହିଳା ଯଦି ଆବଶ୍ୟକଠୁ ଅଧିକ କଲରା ସେବନ କରନ୍ତି, ତେବେ ଗର୍ଭସ୍ଥ ଶିଶୁର ଶାରୀରିକ ଅବସ୍ଥା ସଙ୍କଟାପନ୍ନ ହେବାର ସମ୍ଭାବନା ଥାଏ । କାରଣ ଅଧିକ କଲରା ଖାଇଲେ ଯକୃତ ଉପରେ କୁପ୍ରଭାବ ପଡିଥାଏ । ଏଥିରେ ଏନଜାଇମ୍ ବଢ଼ିଯାଇଥାଏ ।

## ରକ୍ତଚାପ ନିୟନ୍ତ୍ରଣ କରିଥାଏ ବିଟ୍



**ଶୀ**ତଦିନେ ବଜାରରେ ପ୍ରଚୁର ପରିମାଣରେ ବିଟ୍ ମିଳିଥାଏ । ଏହା ପାଟି ସୁଆଦିଆ ନ ହେଲେ ମଧ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ବିଶେଷ କରି ରକ୍ତଚାପ ରୋଗୀଙ୍କ ପାଇଁ ଏହା ବହୁ ଉପକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ସୂଚାଇଛନ୍ତି । ପ୍ରାୟ ୬୮ ଲୋକଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ଯେଉଁମାନେ ଖାଦ୍ୟରେ ବିଟ୍ ସାମିଲ କରିଛନ୍ତି ସେମାନଙ୍କ ଠାରେ ରକ୍ତଚାପ ନିୟନ୍ତ୍ରିତ ହୋଇଛି । ଏହାର ଜୁସ୍ କରି ପିଇଲେ ସବୁଠୁ ଭଲ । ବିଟରେ ଭିଟାମିନ୍ ବି ଓ ସି' ସହିତ ଫସଫରସ୍, କ୍ୟାଲସିୟମ, ପ୍ରୋଟିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି । ବିଟ୍ ଖାଇଲେ ରକ୍ତ ସଫା ହୋଇଥାଏ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସମସ୍ତ ସ୍ଥାନରେ ମାଧାକର୍ଷଣ ଶକ୍ତି ସମାନ ନ ଥାଏ ।
- ମାଡାଗାସ୍କରରେ ଦେଖା ଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ । ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ ।
- କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ । ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ ।
- ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ର ପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି ।
- ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏକ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା ।
- ୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା ।
- ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି । ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।
- ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ ।
- ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇ ପାରିବ । ଆଭାକାଡୋ ଗଛର ଉଚ୍ଚତା ପ୍ରାୟ ୬୩ ଫୁଟ୍ ଯାଏଁ ବୃଦ୍ଧି ପାଇଥାଏ ।
- ଭେନେଜୁଏଲାର ଏଞ୍ଜେଲ ଫଲ୍ ଦୁନିଆର ସବୁଠାରୁ ଉଚ୍ଚା ଝରଣା ଯାହାର ଉଚ୍ଚତା ୩୨୧୨ ଫୁଟ୍ ।

## ହିତକାରୀ କ୍ୟାପସିକମ୍

**କ୍ୟା**ପ୍ସିକମ୍‌କୁ ବିଲାତି ଲଙ୍କା ମଧ କୁହାଯାଏ । କ୍ୟାପ୍ସିକମ୍‌କୁ ଉଭୟ ଆମିଷ ଓ ନିରାମିଷରେ ବ୍ୟବହାର କରାଯାଏ । ଲାଲ୍, ସବୁଜ ଓ ହଳଦୀ ଆଦି ବିଭିନ୍ନ ରଙ୍ଗର କ୍ୟାପ୍ସିକମ୍ ଚାଷ କରାଯାଉଛି । ପ୍ରତ୍ୟେକ ରଙ୍ଗର କ୍ୟାପ୍ସିକମ୍‌ରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।



କ୍ୟାପସିକମ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଏ' ଭିଟାମିନ୍ 'କେ', ଫାଇବର ଓ ବିଟା କ୍ୟାରୋଟିନ୍ ଭରପୁର ମାତ୍ରାରେ ରହିଛି । କ୍ୟାପସିକମରେ କେବଳ ଭିଟାମିନ୍ ନୁହେଁ, ବହୁ ସ୍ୱାସ୍ଥ୍ୟୋପଯୋଗୀ ଗୁଣ ମଧ ରହିଛି ।

ଆବୁ ପାଇଁ ଫଳପ୍ରଦ: ଯଦି ଆପଣ ଗାଠିଆର ଶିକାର ହୋଇଛନ୍ତି ତେବେ କ୍ୟାପସିକମ୍ ଖାଇବା ଆପଣଙ୍କ ପାଇଁ ଲାଭଦାୟକ ।


କ୍ୟାନସରରୁ ସୁରକ୍ଷା: କ୍ୟାପସିକମ୍‌ରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ରହିଥାଏ, ଯାହାକି କ୍ୟାନସର ରୋଗ ପାଇଁ ବେଶ୍ ଫଳପ୍ରଦ । ସଲଫର ଓ ଲାଇକୋପିନ୍ ରହିଥିବାରୁ ଏହା କ୍ୟାନସର ଭୟକୁ କମ୍ କରିଥାଏ ।

ଆଇରନ୍ ଯୋଗାଏ: କ୍ୟାପସିକମ୍‌ରେ ଭିଟାମିନ୍ ସି' ତଥା ଆଇରନ ରହିଛି । ରକ୍ତହୀନତାରୁ ରକ୍ଷା ପାଇବା ପାଇଁ କ୍ୟାପସିକମ୍ ଖାଇବା ଉଚିତ ।

ଡାଇବେଟିସ୍ କଣ୍ଟ୍ରୋଲ କରେ: କ୍ୟାପସିକମ୍ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ । ଏଣୁ ମଧୁମେହ ରୋଗୀ ଖାଦ୍ୟରେ କ୍ୟାପସିକମ୍ ସାମିଲ କରିବା ଉଚିତ ।

## ଦେହକୁ ହିତ କଦଳୀ

**କ**ଦଳୀକୁ ସର୍ବଗୁଣସମ୍ପନ୍ନ ସ୍ୱାଦିଷ୍ଟ ଫଳ ମଧରେ ଗଣାଯାଏ । ଏହା ଏମିତି ଏକ ଫଳ ଯାହା ସମସ୍ତଙ୍କ ପାଇଁ ଉପକାରୀ । ସବୁ ବୟସର ଲୋକ ତଥା ରୋଗୀମାନଙ୍କ ପାଇଁ ଏହା ଏକ ଉପାଦେୟ ଖାଦ୍ୟ । ଏଥିରେ ଫାଇବର, ରେଜିଷ୍ଟାଣ୍ଟ ଷ୍ଟାଚ, ମ୍ୟାଗନେସିଅମ, କ୍ୟାଲସିଅମ, ପୋଟାସିଅମ, ଫାଇଟୋ,



କେମିକାଲ୍ସ ଓ ଭିଟାମିନ୍ ବି-୬ ପ୍ରଭୃତି ଯଥେଷ୍ଟ ପରିମାଣରେ ରହିଥାଏ । ତା' ସହିତ ୬୪ ପ୍ରତିଶତ ପାଣି ଓ ୧୩ ପ୍ରତିଶତ ପ୍ରୋଟିନ୍ ମଧ ଥାଏ ।

ଝାଡ଼ାବାନ୍ତି ହେଉଥିଲେ ପାଚିଲା କଦଳୀ ଖାଆନ୍ତୁ । ନିୟମିତ କଦଳୀ ଖାଇଲେ ହାଡ଼ ଶକ୍ତ ଓ ଦୃଢ଼ ହୁଏ ।

କଦଳୀରେ ଥିବା ପୋଟାସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

ରୋଗୀମାନଙ୍କ ପାଇଁ ଉତ୍ତମ ଆହାର । ହିମୋଗ୍ଲୋବିନ୍ ମାତ୍ରା ବଢ଼ାଏ ।

ପେଟ ଥଣ୍ଡାକରେ । ଏଥିରେ ଥିବା ଏକ ସ୍ୱତନ୍ତ୍ର ଆମିନୋଏସିଡ୍ ମାନସିକ ଚାପ ହ୍ରାସ କରେ ।

ଯଦି ନାକରୁ ରକ୍ତ ବାହାରୁଥାଏ, ତା'ହେଲେ ଚିନି ଓ କ୍ଷୀର ସହିତ ୭ ଦିନ କଦଳୀ ଖାଆନ୍ତୁ ।

ହୃଦରୋଗୀ ପ୍ରତିଦିନ ମହୁ ସହିତ ଦୁଇଟି କଦଳୀ ଖାଇବା ଉଚିତ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଇଲେ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ।

## କହିପାରିବେ କି ?

(୧) ସବୁଠୁ ବଡ଼ ମହାସାଗରର ନାଁ କ'ଣ ?
(୨) କେଉଁ ଦେଶରେ ଏକରୁ ଅଧିକ ରାଜଧାନୀ ରହିଛି ?
(୩) ଆମେରିକାର କେଉଁ ସହରରେ ଗୋଲ୍ଡେନ ଗେଟ୍ ବ୍ରିଜ୍ ରହିଛି ?
(୪) ଆମେରିକାର ରାଜ୍ୟ ସଂଖ୍ୟା କେତେ ?
(୫) ବିଶ୍ୱର ସବୁଠୁ ଦୀର୍ଘତମ ଝରଣାର ନାଁ କ'ଣ ?
(୬) ବିଶ୍ୱର ସବୁଠୁ ଉଷ୍ଣ ଅଞ୍ଚଳର ନାଁ କ'ଣ ?
(୭) ବିଶ୍ୱର ସବୁଠାରୁ ଥଣ୍ଡା ଅଞ୍ଚଳ କେଉଁଟା ?
(୮) ସ୍ପେନର ରାଜଧାନୀର ନାଁ କ'ଣ ?
(୯) କିଲିମାଞ୍ଜୋର ପର୍ବତ କେଉଁଠାରେ ଅବସ୍ଥିତ ?
(୧୦) ବିଶ୍ୱର ସବୁଠାରୁ ବଡ଼ ହ୍ରଦର ନାଁ କ'ଣ ?

### JUMBLE WORDS

| | | | |
|---|---|---|---|
| 1) CLIPDA | = | 6) FCEDET | = |
| 2) CETTED | = | 7) VIPTO | = |
| 3) CROGA | = | 8) RNIDG | = |
| 4) NTTUS | = | 9) UFEEDS | = |
| 5) EYELKW | = | 10) LIDEUT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ବିଷ୍ଣୁ ଶର୍ମା, ୨. ଉଦ୍‌ଜାନ, ୩. ଏଣ୍ଟୋମୋଲୋଜି, ୪.ଡକ୍ଟର ଆଲବର୍ଟ ପ୍ୟାଡକ୍ କ୍ରାରି, ୫.ସ୍ଲିଥେ ଲିଜାର୍ଡସ୍, ୬.୭ ମିନିଟ୍ ୩୧ ସେକେଣ୍ଡ, ୭.ଭିଗ୍‌ଡିସ୍ ଫିନବୋଗାଡୋଟିର୍, ୮.ମାଣ୍ଡାରିନ୍ ଚାଇନିଜ୍, ୯.କାସ୍ପିଆନ୍ ସାଗର, ୧୦. ୟୁରି ଗାଗାରିନ୍ ।

***Jumble Words*** ର ଉତ୍ତର **:-**

(1) PEPPER (2) TUSSLE(3) EJECT (4) BARBER (5) CLONE (6) FROWN (7) EASILY (8) MERGER (9) MATCH (10) DEPTH

# ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ପକ୍ଷରୁ ଆଲୋଚନାଚକ୍ର

ନୂଆଦିଲ୍ଲୀ : ଦିଲ୍ଲୀ ଓ ଏହାର ଉପକଣ୍ଠ ବର୍ତ୍ତୀ ସହର ଗୁରଗାଓଁ, ଫରିଦାବାଦ, ନୋଏଡ଼ା, ଗାଜିଆବାଦ ଠାରେ ଥିବା ବିଭିନ୍ନ ପ୍ରବାସୀ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ସଂଗଠନ ଗୁଡିକୁ ଏକାଠି କରାଇ ଗୋଟିଏ ମଞ୍ଚ ଅଧୀନରେ ରଖିବାର ମହାନ ଆଭିମୁଖ୍ୟ ନେଇ ଦୀର୍ଘ ଛଅ ବର୍ଷ ତଳେ ଗଢି ଉଠିଥିବା 'ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ତରଫରୁ 'ଉନ୍ନତି ପଥେ ଓଡିଶା ସମୀକ୍ଷା ଏବଂ କାର୍ଯ୍ୟନୀତି' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ହାଉଖାସ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ଉପସଭାପତି ରାଧେଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଯାଜପୁର ଲୋକସଭା ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ମୟୁରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଏବଂ ଆସ୍କା ଲୋକସଭା ସାଂସଦ ଅନିତା ପ୍ରିୟଦର୍ଶିନୀ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ପୋଲିସ ପ୍ରଶାସକ ଡକ୍ଟର ସଂଜୀବ ପାଟଯୋଶୀ, ଓଡିଶା ରାଜ୍ୟ ସରକାରଙ୍କ ପ୍ରମୁଖ ଆବାସିକ ଆୟୁକ୍ତ ବିଶାଳ ଗଗନ, କବି, ଲେଖକ ତଥା ପୂର୍ବତନ କେନ୍ଦ୍ର ସଚିବ, ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ଶ୍ରୀ ନୀଳାଚଳ ସେବା ସଂଘ ତଥା ଶ୍ରୀ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପ ମହାପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଜାତୀୟ ବିହନ ନିଗମର ନିର୍ଦ୍ଦେଶକ (ବାଣିଜ୍ୟ) କୃଷ୍ଣ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଶାସକ ଦେବେନ୍ଦ୍ର ପ୍ରସାଦ ମାଝୀ, ଏନ.ବି.ସି.ସି ର ମାନବ ସମ୍ବଳ ବିଭାଗର ମୁଖ୍ୟ ଦେବାଶିଷ ଶତପଥୀ, ଆଇ.ଏମ.ସିର ନିର୍ଦ୍ଦେଶକ ସତ୍ୟଭୂଷଣ ସାହୁ ଓ ସୂର୍ଯ୍ୟ ନାରାୟଣ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଅସିତ ପରିଡା ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ଗଠନର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବଂ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଯୁଗ୍ମ ସମ୍ପାଦକ ରଂଜିତା ଦାସ ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଉପସଭାପତି ମଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏକ ଶତରୁ ଉର୍ଦ୍ଧ୍ୱ ଥର ରକ୍ତଦାନ ଦାନ କରିଥିବା ନଗେନ୍ଦ୍ର ନାଥ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ୟୁନିୟନ ବ୍ୟାଙ୍କର ଅବସର ପ୍ରାପ୍ତ ମହା ପ୍ରବନ୍ଧକ ହୃଷିକେଶ କେଶ ବେହେରା, ଷ୍ଟାଣ୍ଡାର୍ଡ ଚାର୍ଟଡି ବ୍ୟାଙ୍କ ର ଆଞ୍ଚଳିକ ନିର୍ଦ୍ଦେଶକ ଦିଲୀପ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧକ୍ଷ ଅମୀୟ ପ୍ରଧାନ, ପୁଷ୍ପାଞ୍ଜଳି ବାରିକ, ସହ କୋଷାଧକ୍ଷ ଦିଲୀପ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ସନ୍ଦୀପ ମହାପାତ୍ର, ମୀନକେତନ ମିଶ୍ର, ମୀନକେତନ ସାମଲ, ପ୍ରିତମ ନାୟକ, ଅମୀୟ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ମଦ ବିକ୍ରୀ ନିଷେଧ ପାଇଁ ରତି ମହାନ୍ତିଙ୍କ ଦାବି

ସମ୍ବଲପୁର : ଓଡ଼ିଶାରେ ମଦ ନିଷେଧ କରାଯିବାକୁ ଏକ ନୂଆ ଆଇନ ପ୍ରଣୟନ କରାଯିବାକୁ ଶ୍ରମିକ ନେତା ରତିକାନ୍ତ ମହାନ୍ତି ଦାବି କରିଛନ୍ତି । ଶ୍ରୀ ମହାନ୍ତି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି କହିଛନ୍ତି ଯେ, ମଦ୍ୟପାନ ଯୋଗୁଁ ସମାଜର ବିଶେଷକରି ଗରିବ ଓ ଶ୍ରମିକ ଶ୍ରେଣୀର ଲୋକମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଏଥିରେ ବହୁ ପରିବାର ଉଜୁଡି ମଧ ଯାଉଛି । ବର୍ତ୍ତମାନର ସରକାର ଗରିବ ଏବଂ ଶ୍ରମିକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିବାରୁ ରାଜ୍ୟରେ ମଦ ବିକ୍ରିକୁ ନିଷେଧ କରିବା ପାଇଁ ସେ କହିଛନ୍ତି । ଗୁଜୁରାଟ ଏବଂ ବିହାରରେ ମଦ ବିକ୍ରୀକୁ ନିଷେଧ କରାଯାଇ ସୁଫଳ ମିଳିଥିବାରୁ ଓଡ଼ିଶା ମଧ ସେହି ନୀତି ପ୍ରଣୟନ କରିବାକୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ନମିତା ବଡ଼ପଣ୍ଡାଙ୍କ ଏକକ ଚିତ୍ର ପ୍ରଦର୍ଶନୀ

ସମ୍ବଲପୁର : ବଡ଼ବଜାର ସ୍ଥିତ ଓଡ଼ିଶା ଲଳିତ କଳା ଏକାଦେମି ଆର୍ଟ ଗ୍ୟାଲେରୀରେ ଆୟୋଜିତ ଶ୍ରୀମତୀ ନମିତା ବଡ଼ପଣ୍ଡାଙ୍କ ଏକକ ଚିତ୍ରକଳା




ପ୍ରଦର୍ଶନୀ 'ରଙ୍ଗ ଓ ତୁଳୀ' ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ରୋଜିଲିନ ତିର୍କୀ ମୁଖ୍ୟଅତିଥି, ବରିଷ୍ଠ ଆଇନଜ୍ଞ ବରଦା ମାଧବ ଗୁରୁ ଓ ପ୍ରଦୀପ କୁମାର ବହିଦାର, ସିନେକଳାକାର ନରେନ୍ଦ୍ର ବେହେରା, ଭକ୍ତପ୍ରସାଦ ନନ୍ଦ, ସମାଜସେବୀ ସପନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ବିରୁପାକ୍ଷ ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ଜୟରାମ ବନିଆଁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନୈତିକଲାଲ ବାରିକ, ସୁଧାଂଶୁ ନାଏକ, ପ୍ରଶାନ୍ତ ପ୍ରଧାନ, ବିଦ୍ୟାପତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ସିଦ୍ଧେଶ୍ୱର ବି. ବୋନ୍ଦର ନୂତନ ଜିଲ୍ଲାପାଳ

ସମ୍ବଲପୁର : ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ବଲପୁରର ନୂତନ ଜିଲ୍ଲପାଳ ଭାବେ ନିଯୁକ୍ତ ହୋଇଛନ୍ତି । ୨୦୧୬ ବ୍ୟାଚ୍ ଆଇଏଏସ୍ ଶ୍ରୀ ବୋନ୍ଦର ଭଦ୍ରକ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ସମ୍ବଲପୁରରେ ଅବସ୍ଥାପିତ ୨୦୧୯ ବ୍ୟାଚ୍‌ର ଆଇଏଏସ୍ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ବଦଳି ହୋଇଛି ।

## ଶ୍ରମିକ ମୃତ୍ୟୁ ମାମଲାରେ ଦୁଇ ନିରାପତ୍ତା ଅଧିକାରୀ ଗିରଫ

ଝାରସୁଗୁଡ଼ା : ମରାକୁଟା ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ବିଷାକ୍ତ ଗ୍ୟାସ୍ ଲିକ୍ ଯୋଗୁଁ ଜଣେ ଶ୍ରମିକଙ୍କ ମୃତ୍ୟୁ ଏବଂ ଅନ୍ୟ ୫ ଜଣ ଗୁରୁତର ହେବା ଘଟଣାରେ ପୁଲିସ କାରଖାନାର ସେଫ୍ଟି ଇନଚାର୍ଜ ଶରତ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ଦିନ ସକାଳେ ଶ୍ରମିକମାନେ ପ୍ରକଳ୍ପର କୋଲ୍ ଇଞ୍ଜେକ୍ସନ ଏରିୟା ପାଖରେ ଏମ୍‌ସିସି ରୁମ୍‌ରେ ଥିବା ବେଳେ କାର୍ବନ ମନୋକ୍ସାଇଡ୍ ଗ୍ୟାସ ଲିକ୍ ହୋଇଥିଲା । ସେଥିରେ ବରୁଣ ପ୍ରଧାନ ନାମକ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ହୋଇଥିଲେ । ଆହତମାନଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସ୍ଥାନୀୟ ଲୋକେ ଏବଂ ଶ୍ରମିକ ମାନେ ପ୍ରକଳ୍ପରେ କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସହାୟତା ଦାବି କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା । ଘଟଣାକୁ କେନ୍ଦ୍ର କରି କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସକୁ ଫ୍ୟାକ୍ଟ୍ରି ଆଣ୍ଡ ବୟଲର ବିଭାଗ ବନ୍ଦ କରି ଦେଇଛି । ସେଫ୍ଟି ଅଧିକାରୀଙ୍କୁ ପୁଲିସ ଗିରଫ କରିବା ପରେ ମାମଲାରେ ଅନ୍ୟ ବହୁ ଅଧିକାରୀ ଅଭିଯୁକ୍ତ ଥିବା ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ସୂଚନା ଦେଇଛନ୍ତି ।

ସେହିପରି ଝାରସୁଗୁଡ଼ା ସହର ଉପକଣ୍ଠ ବଡ଼ମାଲ ସ୍ଥିତ ଏସ୍‌ଏମ୍‌ସି ପାୱାର ଜେନେରେସନ କର୍ପୋରେସନ-୨ ପ୍ରକଳ୍ପରେ ଗତ ୩ ତାରିଖ ଜଣେ ଶ୍ରମିକ ଇଣ୍ଡକ୍ସନ ଫର୍ଣ୍ଣେସରେ କାମ କରୁଥିବା ବେଳେ ଗୋଡ଼ ଖସି ଯିବାରୁ ନିଆଁ ଭାଟିରେ ପଡ଼ି ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ । ଘଟଣାକୁ କେନ୍ଦ୍ର କରି ବଡ଼ମାଲ ପୁଲିସ ଏକ ମାମଲା ରୁଜୁ କରିଥିଲା । ଘଟଣାରେ ପ୍ରକଳ୍ପର ସେଫ୍ଟି ଅଫିସର ପ୍ରଦୀପ୍ତ ସାହୁ(୫୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

ତିନି ତାରିଖ ସକାଳେ ପ୍ରକଳ୍ପର ଇଣ୍ଡକ୍ସନ ଫର୍ଣ୍ଣେସରେ ସଫା କରିବା ବେଳେ ବିହାରର ମୁଜଫରପୁର ଜିଲ୍ଲା ଚାଙ୍ଗେଲ ଗାଁର ଦେବ ନାରାୟଣ ମାହାତୋ(୩୬) ନାମକ ଶ୍ରମିକ ଗୋଡ଼ ଖସିଯିବାରୁ ନିଆଁ ଭାଟି ଭିତରେ ପଡ଼ି ଯାଇଥିଲେ । ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନିଆ ଯାଇଥିଲା । ହେଲେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଘଟଣା ପରେ କାରଖାନା ଏବଂ ବାଷ୍ପିତ ବିଭାଗର ନିର୍ଦ୍ଦେଶ ବଳରେ ପ୍ରକଳ୍ପର ଇଣ୍ଡକ୍ସନ ଫର୍ଣ୍ଣେସ-୩କୁ ସେହି ଦିନଠାରୁ ବନ୍ଦ କରାଯାଇଛି ।

## ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟରେ ଫାଇଲେରିଆ ନିରାକରଣ ସଚେତନତା ସଭା

ବିନିକା : ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟରେ ଫାଇଲେରିଆ ନିରାକରଣ ବିଷୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବିନିକା ମୁଖ୍ୟ ଚିକିତ୍ସାଳୟରୁ ପିଏଚଇଓ ଅଙ୍କୁର ହୋତା ଡିବିଡିଟିଏସ୍ ଅଜିତ କୁମାର ହୋତା ତାଙ୍କର ସହକର୍ମୀମାନଙ୍କ ସହିତ ଯୋଗ ଦେଇ ଫାଇଲେରିଆ ନିରାକରଣ ଓ ଔଷଧ ସେବନ ବିଷୟରେ ପୁଙ୍ଖାନୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ଛାୟା ଚିତ୍ର ମାଧମରେ ଫାଇଲେରିଆ ରୋଗ କିପରି ମାରାତ୍ମକ ତାହା ବର୍ଣ୍ଣନା କରିଥିଲେ । ସଭା ଶେଷରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ହରିଶ୍ଚନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ କେନ୍ଦ୍ର କୋଇଲା ସଚିବ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଜି ଲୋକସେବା ଭବନରେ କେନ୍ଦ୍ର କୋଇଲା ବିଭାଗ ସଚିବ ଶ୍ରୀ ଅମ୍ରିତ ଲାଲ ମୀନା ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଶ୍ରୀ ମୀନାଙ୍କ ସହିତ କୋଲ୍ ଇଣ୍ଡିଆର ଅଧକ୍ଷ ଶ୍ରୀ ପି.ଏମ୍ ପ୍ରସାଦ ଏବଂ ନେଭେଲି ଲିଗ୍‌ନାଇଟ କର୍ପୋରେସନ ଓ ମହାନଦୀ କୋଲଫିଲ୍‌ଡସ ଲିମିଟେଡର ଅଧକ୍ଷ ମଧ ଉପସ୍ଥିତ ଥିଲେ । ଆଲୋଚନାରେ ଶ୍ରୀ ମୀନା କହିଥିଲେ ଯେ ଦେଶର ସମୁଦାୟ କୋଇଲା ଉତ୍ପାଦନରୁ ୨୦ ପ୍ରତିଶତ କୋଇଲା କେବଳ ଓଡିଶାରୁ ଉତ୍ପାଦିତ ହେଉଛି । ତେଣୁ ଓଡିଶାର ବିକାଶରେ କୋଇଲା ମନ୍ତ୍ରଣାଳୟର ପ୍ରତିବଦ୍ଧତା ରହିଛି ଏବଂ ପ୍ରଧାନମନ୍ତ୍ରୀ ଏ ଦିଗରେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ବୈଠକରେ କୋଇଲା ସଚିବ ଶ୍ରୀ ମୀନା ଓଡିଶାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଓ ନୂତନ ପ୍ରକଳ୍ପ ସଂପର୍କରେ ସୂଚନା ଦେଇଥିଲେ । ବିଶେଷକରି ନୂତନ ପ୍ରକଳ୍ପରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ପ୍ରଦୁଷଣ ଯଥାସମ୍ଭବ କମ୍ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ ।

ବ୍ୟବହୃତ ଖଣିର ବ୍ୟାକ ଫିଲିଙ୍ଗ ଓ ପୁନରୁଦ୍ଧାର ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଏମ୍.ସି.ଏଲ ଓ ଅନ୍ୟାନ୍ୟ କେନ୍ଦ୍ରୀୟ କୋଇଲା ପିଏସୟୁରେ ସ୍ଥାନୀୟ ଯୁବକଯୁବତୀ ମାନଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତାଳଚେର ମେଡିକାଲ କଲେଜକୁ ଏମସିଏଲ୍ ସହଯୋଗରେ ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହାସହିତ ସିଏସ୍‌ଆର୍ ପାଣ୍ଠିରେ ସ୍ଥାନୀୟ ଅଞ୍ଚଳର ବିକାଶ ସଂପର୍କରେ ମଧ ଆଲୋଚନା ହୋଇଥିଲା । ରାଜ୍ୟରେ କ୍ରୀଡା ଭିତ୍ତିଭୂମି, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ପାଇଁ ଏମ.ସି.ଏଲ ପାଣ୍ଠି ଯୋଗାଇ ଦେବ ବୋଲି ଜଣାଯାଇଛି ।

ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ରାଜସ୍ୱ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଡି.କେ. ସିଂହ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଦିଲ୍ଲୀ ଜୁହାର ପରିବାରର ପ୍ରତିଷ୍ଠା ଦିବସ ପାଳିତ

ନୂଆଦିଲ୍ଲୀ : 'ଜୁହାର ପରିବାର' ଦିଲ୍ଲୀ ତାର ପ୍ରତିଷ୍ଠା ଦିବସ ପାଳନ କରିଛି । ରାଜଧାନୀର କନଷ୍ଟିଚ୍ୟୁସନ୍ କ୍ଲବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ଭାରତ ସରକାରଙ୍କ ଷୋଡଶ ଅର୍ଥ ଆୟୋଗର ସଦସ୍ୟ ମନୋଜ ପଣ୍ଡା, କେରଳ ସରକାରଙ୍କ ଅଗ୍ନିଶମ ମହାନିର୍ଦ୍ଦେଶକ ଡକ୍ଟର ସଞ୍ଜିବ ପାଟଯୋଷୀ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ଭବାନୀ ଦୀକ୍ଷିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ମାଁ ସମଲେଶ୍ୱରୀ, ଗାଁ ପାଟଣେଶ୍ୱରୀ, ଗାଁ ସୁରେଶ୍ୱରୀ, ମାଁ ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସୃଜନୀ ମିଶ୍ର ସଂଯୋଜନା କରିଥିଲେ । ସମ୍ପାଦକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ ଓ ପ୍ରତିଷ୍ଠା ଦିବସ ଅବସରରେ ସକାଳୁ ତ୍ୟାଗରାଜ ପାର୍କ ଠାରେ ଅନୁଷ୍ଠାନ ପକ୍ଷରୁ ୧୫୦ ଟି ଚାରା ରୋପଣ କରାଯାଇଥିଲା ।







# ନୂଆଦିଲ୍ଲୀରେ ସମ୍ବଲପୁରୀ ଶାଢ଼ୀରେ ଓଡ଼ିଆ ମହିଳାଙ୍କ ୱାକାଥନ୍













ନୂଆଦିଲ୍ଲୀ : ଓଡ଼ିଶାର କଳା, ସଂସ୍କୃତି ଏବଂ ସମ୍ବଲପୁରୀ ଶାଢ଼ିଠାରୁ ଆରମ୍ଭ କରି ବିଭିନ୍ନ ବସ୍ତ୍ରର ପ୍ରଚାର ପ୍ରସାର କରାଇବା ଉଦ୍ଦେଶ୍ୟରେ ସ୍ୱାଭିମାନୀ ବିଶ୍ୱ ଓଡ଼ିଆ ମହିଳା ସଂଗଠନ ପକ୍ଷରୁ ଏକ ୱାକାଥନର ଆୟୋଜନ କରାଯାଇଥିଲା । ଏଥିରେ ଶତାଧିକ ପ୍ରବାସୀ ଓଡ଼ିଆ ମହିଳା ସମ୍ବଲପୁରୀ ବସ୍ତ୍ର ପରିଧାନ କରି ୱାକାଥନରେ ଭାଗ ନେଇଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ନୀ ମୃଦୁଳା ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ଶୋଭା ବଢାଇବା ସହ ଓଡ଼ିଶାର କଳା, ସଂସ୍କୃତି ଏବଂ ବିଶେଷକରି ସମ୍ବଲପୁରୀ ବସ୍ତ୍ରର ଲୋକପ୍ରିୟତା ବୃଦ୍ଧି ପାଇଁ ପ୍ରେରଣା ଦେଇଥିଲେ । ସାଂସଦ ସୁଲତା ଦେଓ ଏବଂ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଏ.କେ. ସାମନ୍ତରାୟ ଏଥିରେ ଯୋଗ ଦେଇଥିଲେ । ଅନେକ ପ୍ରବାସୀ ଓଡ଼ିଆ ପୁରୁଷ ମଧ ୱାକାଥନରେ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଭାଗ ନେଇଥିଲେ । ସ୍ୱାଭିମାନୀ ବିଶ୍ୱ ଓଡ଼ିଆ ମହିଳା ସଂଗଠନର ସଭାପତି ସସ୍ମିତା ମିଶ୍ର କହିଥିଲେ ଯେ, ସମଗ୍ର ଦେଶରେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହାଫଳରେ ଓଡ଼ିଶାର ହସ୍ତତନ୍ତ ସାମଗ୍ରୀର ଚାହିଦା ବୃଦ୍ଧି ପାଇବା ସହ ଓଡ଼ିଶାର ବୁଣାକାର ଭାଇ ଭଉଣୀମାନେ ଏଥିରେ ପ୍ରୋତ୍ସାହିତ ହେବେ । କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟା ପୁଷ୍ପ ସାହୁ, ସ୍ମରଣିକା ମହାନ୍ତି, ନମ୍ରତା ପଣ୍ଡା, ପ୍ରମୋଦିନୀ ବେହେରା, ସଂଘମିତ୍ରା ରଥ ଓ ସଙ୍ଗୀତା ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ ।

# ବାଳକିଶନ ପଟ୍ଟୱାରୀଙ୍କ ୭୯ତମ ଜୟନ୍ତୀ ପାଳିତ







ସମ୍ବଲପୁର : ବାଳକିଶନ ଚେରିଟେବୁଲ ଟ୍ରଷ୍ଟ ଏବଂ ସମ୍ବଲପୁରର ବିକାଶ ହାସପାତାଲ ପକ୍ଷରୁ ସମାଜସେବୀ ବାଳ କିଶନ ପଟ୍ଟୱାରୀଙ୍କ ୭୯ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବତନ ପ୍ରାନ୍ତୀୟ ମୁଖ୍ୟ ଅଧାପକ ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ମ୍ୟୁନସିପାଲ କମିଶନର ବେଦଭୂଷଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ୨୫ ଜଣଙ୍କୁ ସିଲେଇ ମେସିନ୍ ଦିଆଯିବା ସହିତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା 'ଉତ୍ସର୍ଗ', 'ଜ୍ୟୋତି', 'ସମ୍ବଳ' ଏବଂ ଲିମସରିଏନ୍ ଯୁବକ ସଂଘକୁ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ସମ୍ବଲପୁର ବିକାଶ ହାସପାତାଲରେ ସପ୍ତାହବ୍ୟାପି ମେଡିସିନ୍ ବିଭାଗରେ ମାଗଣା ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ରିହାତି ଦରରେ ହୃଦ୍‌ରୋଗ ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମରେ ବିକାଶ ହାସପାତାଲର ଅଧକ୍ଷ ଡି. ମୁରଲୀକ୍ରିଷ୍ଣା, ନିର୍ଦ୍ଦେଶକ ନାଗେଶ୍ୱର ରାଓ, ଜି. ଭାସ୍କର ରାଓ, ଭି ଶ୍ରୀନିବାସ, ବାଳକିଷନ ଚେରିଟେବୁଲ ଟ୍ରଷ୍ଟର ଅରୁଣ ପଟୱାରୀ, ସମାଜସେବୀ ଅଶୋକ ଜଲାନ, ଶ୍ରୀମତୀ କୁମକୁମ ମିଶ୍ର, ଶ୍ରୀମତୀ ଶାନ୍ତା ପଟୱାରୀ ଏବଂ ଡାକ୍ତର ଦିଲ୍ଲୀପ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଁ ତରୁଣ ସାହୁ**

ତିରୋଧାନ: ୨.୦୮.୨୦୨୪

ମୁଦିପଡ଼ା ସମ୍ବଲପୁର

ଶୋକସନ୍ତପ୍ତ: ସ୍ତ୍ରୀ ତାରାବତୀ, ପୁଅ ମୁକେଶ, ଝିଅ ମମତା ଓ ସନ୍ତୋଷିନୀ ଓ ସାହୁ ପରିବାର ବର୍ଗ

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra